● ଯାତ୍ରୀଙ୍କୁ ବିପଦ ଜି.ଉଦୟଗିରି-କଳିଙ୍ଗା ରାସ୍ତା

## ହାତୀ ପରେ ଏବେ ବାଘ ଭୟ

**ଜି.ଉଦୟଗିରି,୧୦।୧(ସମିସ):** ଜି.ଉଦୟଗିରିରୁ କଳିଙ୍ଗା ରାସ୍ତାର ରାଇପଦା ନିକଟ ଏକ ଫାର୍ମରେ ବାଘ ବୁଲୁଥିବାର ଭିଡିଓ ସିସିଟିଭି କ୍ୟାମେରାରେ କଏଦ ହୋଇଛି। ଏହା ମୋବାଇଲରୁ ମୋବାଇଲକୁ ଘୁରି ବୁଲିବା ଫଳରେ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ଫାର୍ମ ମାଲିକ ମୋଟର ଚୋରି ରୋକିବାକୁ ଲଗାଇଥିବା ସିସିଟିଭି କ୍ୟାମେରାରେ ବାଘର ଚଳପ୍ରଚଳ ଦୃଶ୍ୟ କଏଦ ହୋଇଛି। ଏହି ଅଞ୍ଚଳକୁ କେବେ ବାଘ ଆସିନଥିବା ବେଳେ ବର୍ତ୍ତମାନ ବାଘର ଭିଡିଓ ଦେଖି ଲୋକେ ଭୟଭୀତ ହୋଇପଡ଼ିଛନ୍ତି। କାରଣ ଏହି ରାସ୍ତା ଦେଇ ଦିନକୁ ଶହ ଶହ ଯାନବାହନ ଚଳାଚଳ କରୁଛି। ବିଶେଷ କରି ଜି.ଉଦୟଗିରି ସହରକୁ ଦିନକୁ ଶହଶହ ଲୋକ ବାଇକ୍‌ରେ ଯିବାଆସିବା କରୁଛନ୍ତି। କିଛିମାସ ପୂର୍ବେ ଦନ୍ତା ହାତୀ ଆସି ଉପଦ୍ରବ କରୁଥିବା ବେଳେ ବର୍ତ୍ତମାନ ବାଘ ଚଳପ୍ରଚଳ ନେଇ ଲୋକେ ଭୟଭୀତ ହୋଇପଡ଼ିଛନ୍ତି। ଖବର ପାଇ ବନ ବିଭାଗ କର୍ମଚାରୀ ସମ୍ପୃକ୍ତ ସ୍ଥାନ ପରିଦର୍ଶନ କରିବା ସହିତ ବାଘର ଗତିବିଧି ଉପରେ ନଜର ରଖିଛି। ବାଘ ବୁଲୁଥିବାରୁ ସତର୍କ ରହିବାକୁ ଲୋକଙ୍କୁ ସଚେତନ କରାଯାଇଛି। ଏହା ସହିତ ବିଭାଗ ତରଫରୁ ନାଇଟ୍ ପାଟ୍ରୋଲିଂ କରାଯାଉଛି। ନିକଟସ୍ଥ ଚକାପାଦ ଜଙ୍ଗଲରୁ ବାଘ ଚାଲିଆସିଥିବା ବିନବିଭାଗ କହୁଛି।

## ବାବା ମୁକ୍ତେଶ୍ୱର ହ୍ୟାଣ୍ଡବଲ୍ ଟୁର୍ଣ୍ଣାମେଣ୍ଟ



**ବେଲଗୁଣ୍ଠା,୧୦।୧(ସମିସ):** ବେଲଗୁଣ୍ଠା ବ୍ଲକ ମଙ୍ଗଳପୁର ସ୍ଥିତ ବାବା ମୁକ୍ତେଶ୍ୱର ଯୁବକ ସଂଘ ଆନୁକୂଲ୍ୟରେ ଶିବ ମନ୍ଦିର ପ୍ରାଙ୍ଗଣରେ ଆଞ୍ଚଳିକ ହ୍ୟାଣ୍ଡବଲ ଟୁର୍ଣ୍ଣାମେଣ୍ଟ ୧୨ଟି ଦଳକୁ ନେଇ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ବେଲଗୁଣ୍ଠା ପଞ୍ଚାୟତ ସମିତି ଅଧକ୍ଷା ମମତା ଭୋଳ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ରୂପେ ଜିଲ୍ଲା ପରିଷଦ ସଭ୍ୟ ବିଦ୍ୟାଧର ବିଶୋଇ, ବଡ଼ବୋରସିଙ୍ଗ ସରପଞ୍ଚ ଏସ୍ ରାମେଶ୍ୱର ପାତ୍ର, ମଙ୍ଗଳପୁର ସମିତି ସଭ୍ୟା ରୁନିବାଳା ମଲିକ, ଉଡ଼ରା ସରପଞ୍ଚ ପ୍ରତିନିଧି ପଞ୍ଚାନନ ସାମଲ, ସରପଞ୍ଚ ପ୍ରତିନିଧି ଜ୍ୟୋତିରଞ୍ଜନ ନାୟକ, ଯୁବ ସମାଜସେବୀ ମାଧବ ଚନ୍ଦ୍ର ଆପଟ ପ୍ରମୁଖ ମଞ୍ଚାସିନ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ପୀତାମ୍ବର ଆପଟ ମଞ୍ଚ ପରିଚାଳନା କରିଥିବା ବେଳେ ଆସନ୍ତା ୧୪ ମକର ସଂକ୍ରାନ୍ତିରେ ଫାଇନାଲ୍ ମ୍ୟାଚ ହେବ ବୋଲି କମିଟି ସୂତ୍ରରୁ ଜଣାପଡିଛି। ବିଜେତାଙ୍କୁ ୪୫୫୫୧ ଟଙ୍କା ଓ ଟ୍ରଫି ରନର୍ସଅପ୍‌କୁ ୩୫୫୫୧ ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବ ଓ ଅନ୍ୟ ଉତ୍ତମ ଖେଳାଳି ମାନଙ୍କୁ ମଧ୍ୟ ପୁରସ୍କାର ପ୍ରଦାନ କରାଯିବ ବୋଲି ଜଣାପଡିଛି।

## ଶ୍ରୀଜଗନ୍ନାଥ କଲେଜର ବାର୍ଷିକ କ୍ରୀଡ଼ା




**ରମ୍ଭା,୧୦।୧(ସମିସ):** ସ୍ଥାନୀୟ ଶ୍ରୀଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ରାମଚନ୍ଦ୍ର ନାହାକଙ୍କ ସଭାପତିତ୍ୱରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଭିତରେ ବାର୍ଷିକ କ୍ରୀଡ଼ା ଓ ସାଂସ୍କୃତିକ ବିଚିତ୍ରା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱନାଥ ରଥ (ବେଦ ମନ୍ତ୍ର) ଉଚ୍ଚାରଣ କରିଥିବା ବେଳେ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଜୀବ ବିଜ୍ଞାନ ଡେମନ୍‌ଷ୍ଟ୍ରେଟର ବିଚିତ୍ରା ନନ୍ଦ ସାହୁ ଦେଇଥିଲେ। ଇଂରାଜୀ ଅଧାପକ ଅମ୍ବିକା ପ୍ରସାଦ ସାମନ୍ତରାୟ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରମ୍ଭା ଏନଏସି ଅଧକ୍ଷା ମାନସୀ ସ୍ୱାଇଁ (ମୁଖ୍ୟ ଅତିଥି), ସରକାରୀ ବିଜ୍ଞାନ ମହାବିଦ୍ୟାଳୟ ଛତ୍ରପୁର ଅଧକ୍ଷ ଡ଼ଃ ଅଜୟ କୁମାର ତ୍ରିପାଠୀ(ମୁଖ୍ୟବକ୍ତା), ପ୍ରତିଷ୍ଠାତା ତଥା ସମ୍ପାଦକ ସୁବାସ ଚନ୍ଦ୍ର ପଣ୍ଡା, ପ୍ରାକ୍ତନ ଅଧକ୍ଷ ପ୍ରସନ୍ନ କୁମାର ମିଶ୍ର, ପ୍ରାକ୍ତନ ଅଧକ୍ଷ ଡ଼ଃ ରଞ୍ଜନ କୁମାର ଦାସ, ପ୍ରାକ୍ତନ ପ୍ରାଣୀ ବିଜ୍ଞାନ ଅଧାପକ ପ୍ରକାଶ ଚନ୍ଦ୍ର ଗୌଡ଼ ପ୍ରମୁଖ ମଞ୍ଚାସିନ ଥିଲେ। ଏଥି ସହିତ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ଅଧାପିକା ଐଶ୍ୱର୍ଯ୍ୟା ଶାଳଗ୍ରାମ ଧନ୍ୟବାଦ ଦେଇଥିଲେ। ପରିଶେଷରେ ପ୍ରାକ୍ତନ ପ୍ରାଧାପକ ଡ଼ଃ ବିଜୟାନନ୍ଦ ମହାପାତ୍ରଙ୍କ ରଚିତ ଓ ନିର୍ଦ୍ଦେଶନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

## ଘୁମୁସର ବନଖଣ୍ଡରେ ହାତୀ-ମଣିଷ ଲଢ଼େଇ

**ଭଞ୍ଜନଗର,୧୦।୧(ସମିସ):** ଭଞ୍ଜନଗରସ୍ଥିତ ଘୁମୁସର ଉତ୍ତର ବନଖଣ୍ଡରେ କିଛି ମାସ ହେବ ହାତୀ-ମଣିଷ ଲଢ଼େଇ ଜାରି ରହିଛି। କେଉଁଠି ଫସଲ ପାଇଁ ତ ଆଉ କେଉଁଠି ହାତୀର ଦାନ୍ତ ପାଇଁ ଶିକାରୀ ଓ ହାତୀ ମଧ୍ୟରେ ଲଢ଼େଇ ହେଉଛି। ଯାହାକୁ ନେଇ ପରିବେଶବିତ୍ ମାନେ ଚିନ୍ତା ପ୍ରକଟ କରିଛନ୍ତି। ଅନେକ ସମୟରେ ଖାଦ୍ୟ ଅନ୍ୱେଷଣରେ ହାତୀ ଜଙ୍ଗଲ ବାହାରକୁ ଚାଲି ଆସୁଥିବାବେଳେ ମଣିଷ ଓ ହାତୀ ମଧ୍ୟରେ ଲଢ଼େଇ ହେବା ସହ ଉଭୟ ବିପଦରେ ପଡୁଛନ୍ତି। ଦୁଇଦିନ ପୂର୍ବେ ଜଗନ୍ନାଥପ୍ରସାଦ ରେଞ୍ଜରେ ହାତୀ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିଲେ। ଏହା ପୂର୍ବରୁ ଶିକାରୀ ଆକ୍ରମଣରେ ମୁଜାଗଡ ରେଞ୍ଜରେ ଗୋଟିଏ ହାତୀର ମୃତ୍ୟୁ ଘଟିଛି। ଏଭଳି ପରିସ୍ଥିତିରେ ତାରସିଂ ପୁଲିସ ଶୁକ୍ରବାର ରାତିରେ ଖୁରୁଡୁଗୋଛା ଜଙ୍ଗଲରୁ ଜଣେ ଶିକାରୀଙ୍କୁ ଗିରଫ କରିଛନ୍ତି। ସେ ହେଲେ ବିଶ୍ୱନାଥ ବାଗ। ତାଙ୍କ ଠାରୁ ଦୁଇଟି ଚୋରା ବନ୍ଧୁକ ଜବତ କରାଯାଇଛି। ବାଗ ବନ୍ୟପ୍ରାଣୀ ଶିକାରୀ ପାଇଁ ଜଙ୍ଗଲ ଭିତରେ ଘୁରି ବୁଲୁଥିବା ବେଳେ କୌଣସି ସୂତ୍ରରୁ ପୁଲିସ ସୂଚନା ପାଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଶନିବାର ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି।

ଅନ୍ୟପଟେ ହାତୀମାନେ ଜଙ୍ଗଲରୁ ବାହାରି ଶୁକ୍ରବାର ରାତିରେ ଦୁବସ୍ଥିତ ସୁଶାନ୍ତ ପ୍ରଧାନଙ୍କ କୃଷି ଫାର୍ମରେ ଲକ୍ଷାଧିକ ଟଙ୍କାର ଫସଲ କ୍ଷତି କରିଛନ୍ତି। ସୁଶାନ୍ତ ଲଗାଇଥିବା ୭୦୦ ପାମ ଗଛକୁ ହାତୀପଲ ପଶି ସମ୍ପୂର୍ଣ୍ଣ ନଷ୍ଟ କରିଦେଇଛନ୍ତି। ଏଥିସହ ଗୋଦାମ ଘରେ ଥିବା ୨୦ରୁ ଉର୍ଦ୍ଧ୍ୱ ମାଛ ଦାନା ପ୍ୟାକେଟ୍‌କୁ ବୋହି ନେଇ ପୋଖରୀରେ ପକାଇ ଦେଇଛନ୍ତି। ଏଥିସହ ପାଣି ପାଇପ ଉପାଡ଼ି ନଷ୍ଟ କରିଦେଇଛନ୍ତି। ଯାହାକୁ ନେଇ ଚାଷୀ ସୁଶାନ୍ତ ପ୍ରଧାନ ହତୋତ୍ସାହିତ ହୋଇପଡିଛନ୍ତି। ଏଥିସହ ସୋସିଆଲ ମିଡିଆରେ ଚାଷୀ ମାନଙ୍କ ପ୍ରତି କିଭଳି ଜଙ୍ଗଲ ଓ ବିଦ୍ୟୁତ୍ ବିଭାଗ ପକ୍ଷରୁ ଅବହେଳା କରାଯାଉଛି ସେନେଇ ନିଜର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ହାତୀ ଯେଉଁଆଡ଼େ ଯାଉଛନ୍ତି ସେହି ଅଞ୍ଚଳରେ ବିଦ୍ୟୁତ୍ ସେବାକୁ ରାତି ତମାମ କାଟି ଦିଆଯାଉଛି। ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆଗକୁ ପିଲାଙ୍କ ବୋର୍ଡ ପରୀକ୍ଷା। ଏହିଭଳି ଯଦି ବିଦ୍ୟୁତ୍ କାଟ ହେବ ତେବେ ଏହାଦ୍ୱାରା ଛାତ୍ରୀଛାତ୍ର ମାନଙ୍କ ପାଠପଢ଼ା ପ୍ରଭାବିତ ହେବାର ସମ୍ଭାବନା ରହିଛି। ତେଣୁ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାର ଆବଶ୍ୟକତା ରହିଛି।

# ସ୍ୱପ୍ନରେ ରହିଯିବ କି ବ୍ରହ୍ମପୁରରେ 'ମଲ୍ଟି ଲେଭଲ କାର୍ ପାର୍କିଂ'






● ନିର୍ଦ୍ଧାରିତ ସମୟର ଦେଢ଼ବର୍ଷ ପରେ ବି ସରୁନି ନିର୍ମାଣ କାମ
● ବଦଳିବ ନାମ: 'ମିଶନ ଶକ୍ତି ବଜାର' ହେବ 'ସୁଭଦ୍ରା ଶକ୍ତି ବଜାର'
● ଉଭୟ ପ୍ରକଳ୍ପରେ ଦୋକାନ ଗୃହ ଆବଣ୍ଟନକୁ ନେଇ ଆରମ୍ଭ ହେଲାଣି ଦ୍ୱନ୍ଦ୍ୱ

**ବ୍ରହ୍ମପୁର,୧୦।୧(ସମିସ):**

ଦେଶର ବିଭିନ୍ନ ମେଟ୍ରୋ ସହର ଓ ରାଜଧାନୀ ଭୁବନେଶ୍ୱର ଭଳି ବ୍ରହ୍ମପୁରରେ ଦୁଇଟି ମେଗା ପ୍ରକଳ୍ପକୁ ନେଇ ସ୍ୱପ୍ନ ଦେଖିଥିଲେ ସହରବାସୀ। ପୂର୍ବ ସରକାର ଅମଳରେ ଯାହାର ପରିକଳ୍ପନା କରିଥିଲେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବର୍ତ୍ତମାନର ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ଗୋଟିଏ ନିଜସ୍ୱ ହୋଇଥିବା ବେଳେ ଅନ୍ୟଟିର ନିର୍ମାଣ କାର୍ଯ୍ୟ ହାତକୁ ନେଇଛି ବିଇଡିଏ। ଏଥିପାଇଁ ପ୍ରାୟ ୧୪କୋଟି ଟଙ୍କା ବ୍ୟୟରେ ଅଟକଳ କରାଯାଇ ନିର୍ମାଣ କାର୍ଯ୍ୟ ମଧ୍ୟ ଆରମ୍ଭ କରାଯାଇଥିଲା। ସେଥିମଧ୍ୟରୁ ଗୋଟିଏ ହେଉଛି 'ମଲ୍ଟି ଲେଭେଲ କାର ପାର୍କିଂ' ଓ ଅନ୍ୟଟି 'ମିଶନ ଶକ୍ତି ବଜାର'। ବର୍ଷକ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖି ଏପ୍ରିଲ ୨୦୨୩ରେ ପ୍ରାୟ ୧୦କୋଟି ବ୍ୟୟରେ ପୁରୁଣା ବସଷ୍ଟାଣ୍ଡ ଠାରେ 'ମଲ୍ଟି ଲେଭଲ୍ କାର୍ ପାର୍କିଂ'ର ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ସେହିଭଳି ପ୍ରାୟ ୪କୋଟି ଟଙ୍କା ବ୍ୟୟରେ ସହରର କମ୍ପାପଲ୍ଲୀ ଓ ଟାଟାବେଞ୍ଚ ଛକ ମଧ୍ୟରେ ଥିବା ୧୪ହଜାର ୫୨୬ବର୍ଗଫୁଟ ସରକାରୀ ଜମିରେ 'ମିଶନ ଶକ୍ତି ବଜାର' ପ୍ରକଳ୍ପ ଆରମ୍ଭ ହୋଇଥିଲା। ଇତି ମଧ୍ୟରେ ଉଭୟ ପ୍ରକଳ୍ପକୁ ବିତିଯାଇଛି ଦୀର୍ଘ ସମୟ। ଏହା ଭିତରେ ବଦଳି ଯାଇଛି ସରକାର ଆଉ ତା ସାଙ୍ଗକୁ ପ୍ରକଳ୍ପର ରୂପରେଖ ଓ ନାମକରଣ। ୨୦୨୩ମସିହା ଏପ୍ରିଲରେ ଆରମ୍ଭ ହୋଇଥିବା ନିର୍ମାଣ କାର୍ଯ୍ୟକୁ ବର୍ଷକ ମଧ୍ୟରେ ସାରିବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ଏହାର ନିର୍ମାଣ କାର୍ଯ୍ୟ ସରିନାହିଁ। ଫଳରେ ସହରରେ ପ୍ରଥମ 'ମଲ୍ଟି ଲେଭଲ କାର ପାର୍କିଂ' ପ୍ରକଳ୍ପ ବର୍ତ୍ତମାନ ପରିସ୍ଥିତିରେ ସ୍ୱପ୍ନ ଭଳି ମନେ ହେଉଛି। ପୁରୁଣା ବସ୍‌ଷ୍ଟାଣ୍ଡରେ ୧୨୬୩ ବର୍ଗମିଟର ପରିମିତ ଜମିରେ ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ୨ ମହଲା ବିଶିଷ୍ଟ ମଲ୍ଟି ଲେଭେଲ କାର ପାର୍କିଂ ପାଇଁ ଯୋଜନା କରାଯାଇଥିଲା। ଯେଉଁଥିରେ ପ୍ରାୟ ୩୦ଟି ଦୋକାନ ଘର ସହିତ ପାର୍କିଂ ସ୍ଥଳୀରେ ଏକକାଳୀନ ୨୦୬ଟି କାର ଓ ୧୨୮ଟି ବାଇକ୍ ରହିପାରିବ। ପାର୍କିଂ ସ୍ଥଳରେ ଶୌଚାଳୟ, ପାନୀୟ ଜଳର ବ୍ୟବସ୍ଥା ସହିତ ସୁରକ୍ଷା ସମ୍ବର୍ଦ୍ଧିତ ସମସ୍ତ ବ୍ୟବସ୍ଥା ରହିଛି। ଏଥିପାଇଁ ପ୍ରାୟ ୧୦କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଥିଲା। ବ୍ରହ୍ମପୁରର ସାରଥୀ ଇନ୍‌ଫ୍ରାଷ୍ଟ୍ରକ୍‌ଚର ପ୍ରାଇଭେଟ ଲିମିଟେଡ ପକ୍ଷରୁ ଟେଣ୍ଡର ଜରିଆରେ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ହାତକୁ ନିଆଯାଇଥିଲା। ବର୍ଷକ ମଧ୍ୟରେ ପ୍ରକଳ୍ପ ଶେଷ କରିବାକୁ ସମୟ ଧାର୍ଯ୍ୟ ହୋଇଥିଲେ ହେଁ ତାହା ସମ୍ଭବପର ହୋଇନାହିଁ। ପ୍ରକଳ୍ପ ନିର୍ମାଣର ବିଳମ୍ବ ପଛରେ ରହିଥିବା ବିଭିନ୍ନ କାରଣ ମଧ୍ୟରୁ ଖୋଦ୍ ପୁଲିସ ଓ ବିଏମସି ବାଧକ ସାଜିଥିବା ଜଣାପଡିଛି। ଅର୍ଦ୍ଧନିର୍ମିତ କୋଠାକୁ ପୁଲିସ ବିଭାଗ ପକ୍ଷରୁ ଜବତ ଗାଡିଗୁଡିକୁ ଗଚ୍ଛିତ କରାଯିବା ଓ ପୁରୁଣା ବସଷ୍ଟାଣ୍ଡରେ ବିଏମସି ପକ୍ଷରୁ ପ୍ରତିଷ୍ଠା ହୋଇଥିବା ୱାଟର ଫିଲ୍ଟରକୁ ଅନ୍ୟତ୍ର ସ୍ଥାନାନ୍ତର କରିବାରେ ଅହେତୁକ ବିଳମ୍ବ ହୋଇଥିଲା। ପରବର୍ତ୍ତି ସମୟରେ ନିର୍ମାଣାଧିନ କୋଠାରେ ଅସ୍ଥାୟୀ ଭାବେ ଆହାର କେନ୍ଦ୍ରକୁ କାର୍ଯ୍ୟକ୍ଷମ କରାଯାଇଥିବା ଦେଖିବାକୁ ମିଳିଛି। ବର୍ତ୍ତମାନ ପରିସ୍ଥିତିରେ ପ୍ରକଳ୍ପ କାର୍ଯ୍ୟ ଅଧପନ୍ତରିଆ ଭାବେ ରହିଥିବା ବେଳେ ଏହାକୁ ଶେଷ କରିବାକୁ ଅନ୍ୟୁନ ୩ରୁ ୪ମାସ ସମୟ ଲାଗିବ ବୋଲି ଅନୁମାନ କରାଯାଇଛି। ସେପଟେ ଏହି ପ୍ରକଳ୍ପରେ ଥିବା ପ୍ରାୟ ୩୦ଟି ଦୋକାନକୁ କାହାକୁ କିଭଳି ଦିଆଯିବ ସେନେଇ ମଧ୍ୟ ଉଠିଛି ପ୍ରଶ୍ନ।

ଅନ୍ୟପକ୍ଷରେ ପୂର୍ବ ସରକାର ଅମଳରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କ ପାଇଁ ସ୍ୱତନ୍ତ୍ର ବଜାର ସୃଷ୍ଟି କରିବା ଲକ୍ଷ୍ୟରେ ସହରରେ ସ୍ୱତନ୍ତ୍ର ଭାବେ 'ମିଶନ ଶକ୍ତି ବଜାର'ର ପରିକଳ୍ପନା କରାଯାଇଥିଲା। ଏଥିପାଇଁ ସରକାରୀ ଜମି ଚିହ୍ନଟ ସହିତ ମହିଳା ଓ ଶିଶୁ ବିକାଶ ବିଭାଗ ସମେତ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ପ୍ରାୟ ୪କୋଟି ଟଙ୍କା ବ୍ୟୟରେ ଏକ ମାର୍କେଟ କମ୍ପେ୍ଲକ୍ସର ଯୋଜନା କରାଯାଇଥିଲା। ଯାହାର ନାମ ଥିଲା 'ମିଶନ ଶକ୍ତି ବଜାର'। ଦୁଇ ମହଲା ବିଶିଷ୍ଟ ଏହି ମାର୍କେଟ କମ୍ପେ୍ଲକ୍ସକୁ ବିଇଡିଏ ନିର୍ମାଣ କରୁଥିବା ବେଳେ ଏଥିରେ ପାର୍କିଂ, ପାନୀୟଜଳ ଯୋଗାଣ, ଦୋକାନ ଘର ଏବଂ ସ୍ୱତନ୍ତ୍ର ଭାବେ 'ମିଲଟ କାଫେ'ର ବ୍ୟବସ୍ଥା ରହିଛି। ବର୍ତ୍ତମାନ ଉକ୍ତ ପ୍ରକଳ୍ପ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ସରକାର ବଦଳିବା ସହିତ ପ୍ରକଳ୍ପର ନାମକରଣରେ ପରିବର୍ତ୍ତନ କରାଯାଇଥିବା ଜଣାପଡିଛି। ମିଶନ ଶକ୍ତି ବଜାରକୁ ବର୍ତ୍ତମାନ 'ସୁଭଦ୍ରା ଶକ୍ତି ବଜାର' ନାମରେ ନାମିତ କରିବାକୁ ଆପାତତଃ ନିଷ୍ପତ୍ତି ହୋଇଥିବା ଜଣାପଡିଛି। ପ୍ରକଳ୍ପ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଖୁବ୍‌ଶୀଘ୍ର ଏହା କାର୍ଯ୍ୟକ୍ଷମ ହେବ ବୋଲି ସୂଚନା ରହିଛି। ତେବେ ଘରେ ନପଶୁଣୁ ମୁଣ୍ଡରେ ଚାଳ ବାଜିବା ନ୍ୟାୟରେ ଏଠାରେ ମଧ୍ୟ ଦୋକାନ ଗୃହ ଆବଣ୍ଟନକୁ ନେଇ ଦ୍ୱନ୍ଦ୍ୱ ଦେଖାଦେଇଛି।

■ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା

## ଆସିଲେନି ମନ୍ତ୍ରୀ; ନିରାଶ ହେଲେ ଚାଷୀ




**ଜଗନ୍ନାଥପ୍ରସାଦ,୧୦।୧(ସମିସ):** ଜଗନ୍ନାଥ ପ୍ରସାଦ ଯୁଧିଷ୍ଠିର ବିଦ୍ୟାପୀଠ ଖେଳ ପଡ଼ିଆ ପରିସରରେ ବ୍ଲକସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପ୍ରାଣୀ ଓ ମତ୍ସ୍ୟ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଓ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ସଭାରେ ଯୋଗ ଦେଉଥିବା ନିମନ୍ତ୍ରଣ ପତ୍ରରେ ଉଲ୍ଲେଖ ଥିବା ଜାଣି ଶତାଧିକ ଶୁଭେଚ୍ଛୁ ଅପେକ୍ଷା କରିଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇନଥିଲେ। ମନ୍ତ୍ରୀଙ୍କ ପ୍ରଥମ ଗସ୍ତକୁ ନେଇ କିଛି ଅଭିଯୋଗ ନେଇ ଅନେକ ଚାଷୀ ଉପସ୍ଥିତ ଥିବା ବେଳେ ମନ୍ତ୍ରୀଙ୍କୁ ନ ଦେଖି ନିରାଶରେ ଫେରିଥିଲେ।

ଗୋଷ୍ଠୀ ପ୍ରାଣୀ ଚିକିତ୍ସାଧିକାରୀ ଡ଼ଃ.ନିହାର ରଞ୍ଜନ ସାମନ୍ତରାୟଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧକ୍ଷ ନୀଳାଞ୍ଚଳ ଖିଲାର, କନ୍ଧମାଳ ସାଂସଦ ପ୍ରତିନିଧି ମହେନ୍ଦ୍ର କୁମାର ପଣ୍ଡା, ସମିତିସଭ୍ୟ ଯୁଧିଷ୍ଠିର ସେଠି, ଆମ୍ବା ଅଧକ୍ଷ ପ୍ରତାପ ପ୍ରଧାନ, ଛାମୁଣ୍ଡା ମଠ ମହନ୍ତ ସଦାନନ୍ଦ ମହାରାଜ, ତ୍ରିବିକ୍ରମ ଦାସ ମହାରାଜ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ମନ୍ମଥ ନାଥ ମଲ୍ଲିକ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଭାରତ ଭୂଷଣ ଜେ.ସାହୁ, ଉପଖଣ୍ଡ ପ୍ରାଣୀ ଚିକିତ୍ସାଧିକାରୀ ଡା.ଗଣେଶ ଚନ୍ଦ୍ର ମହାନ୍ତି, ସହକାରୀ ମତ୍ସ୍ୟ ଅଧିକାରୀ ସଂସ୍କୃତି ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ଭଞ୍ଜନଗର ପ୍ରାଣୀ ଚିକିତ୍ସା ଅଧିକାରୀ ସୋମ୍ୟରଞ୍ଜନ ପତି ମଞ୍ଚ ସଞ୍ଚାଳନ କରିଥିବା ବେଳେ ସହକାରୀ ମତ୍ସ୍ୟ ଅଧିକାରୀ ସଂସ୍କୃତି ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ୧୧ରୁ ଖଲ୍ଲିକୋଟ ମର୍ଦ୍ଦରାଜ ମହୋତ୍ସବ

**ଖଲ୍ଲିକୋଟ,୧୦।୧(ସମିସ):** ରାଜା ବାହାଦୂର ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ୧୨୬ତମ ଜନ୍ମ ବାର୍ଷିକୀରେ ୧୧ ରୁ ୧୩ ତିନି ଦିନ ଧରି ମର୍ଦ୍ଦରାଜ ମହୋତ୍ସବ ଅନୁଷ୍ଠିତ ହେବ। ରାଣୀ ସୁଜ୍ଞାନୀ ଦେବୀଙ୍କ ଆବର୍ତ୍ତମାନରେ ଏହା ହେବ ପ୍ରଥମ ମହୋତ୍ସବ। ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟ ଅବକାରୀ ଓ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୂଷଣ ଜେନା, ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏବଂ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ସେହିପରି ଉଦଯାପନୀ ଦିବସରେ ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜ ଅଧକ୍ଷ ସଂଗ୍ରାମ ଶେଖର ପଣ୍ଡା, କଟକ ଉନ୍ନୟନ ସଚିବ ଶ୍ୱେତ କୁମାର ଦାସ ଅତିଥି ଭାବେ ଯୋଗ ଦେବେ। ଖଲ୍ଲିକୋଟ ମର୍ଦ୍ଦରାଜ ସାଂସ୍କୃତିକ ପରିଷଦର ସଭାପତି ଡ଼. ସାକେତ ରାମା ରାଓ ସଭାପତିତ୍ୱ କରିବେ। ଏହି ଅବସରରେ ଖଲ୍ଲିକୋଟରେ ଜନ୍ମିତ ବରିଷ୍ଠ ସାମ୍ବାଦିକ ତଥା ଦୈନିକ ସକାଳ ଖବରକାଗଜର ଦିବଂଗତ ଦକ୍ଷିଣ ଓଡିଶା ମୁଖ୍ୟ ଜଗନ ମୋହନ ମହାପାତ୍ରଙ୍କୁ ମରଣୋତ୍ତର ଭାବେ ଚଳିତ ବର୍ଷର ମର୍ଦ୍ଦରାଜ ସମ୍ମାନ ପ୍ରଦାନ କରାଯିବ। ଏହା ସହିତ ମେଜର ରମା ରମଣ ପାଢ଼ୀଙ୍କୁ ମଧ୍ୟ ସମ୍ମାନିତ କରାଯିବ। ୧୨ ତାରିଖରେ ବ୍ରହ୍ମପୁର ଠାରେ ଅନୁଷ୍ଠିତ ହେବାକୁ ଥିବା ମର୍ଦ୍ଦରାଜ ମହୋତ୍ସବରେ ବରିଷ୍ଠ ଅସ୍ଥିଶଲ୍ୟ ବିଶେଷଜ୍ଞ ଡାକ୍ତର କୃଷ୍ଣଚନ୍ଦ୍ର

### ଜଗନ ମୋହନ ମହାପାତ୍ରଙ୍କୁ ମରଣୋତ୍ତର 'ମର୍ଦ୍ଦରାଜ ସମ୍ମାନ'

ପାଠୀଙ୍କୁ ଚଳିତ ବର୍ଷର ରାମଚନ୍ଦ୍ର ମର୍ଦ୍ଦରାଜ ସମ୍ମାନ ପ୍ରଦାନ କରାଯିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ମର୍ଦ୍ଦରାଜ ସାଂସ୍କୃତିକ ପରିଷଦର ସମ୍ପାଦକ ସୁଧାଂଶୁ ଶେଖର ସାହୁ ସ୍ଥାନୀୟ ଯୁବରାଜ ବଙ୍ଗଳାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ସାଂସ୍କୃତିକ ପରିଷଦର ବରିଷ୍ଠ ସଦସ୍ୟ ଡାକ୍ତର ହରପ୍ରସାଦ ମହାପାତ୍ର, ଇଂ. ଅନିରୁଦ୍ଧ ସାହୁ, ଅଶ୍ୱିନୀ କୁମାର ମିଶ୍ର, ଜନକ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।



ବେଲଗୁଣ୍ଠା ସହରରେ ଅସହ୍ୟ ଶୀତରୁ ରକ୍ଷା ପାଇଁ ଲୋକେ ନିଆଁ ପୋଉଁଛନ୍ତି।

## ମନରେଗାକୁ କଦର୍ଥ କରିବା ନିନ୍ଦନୀୟ




**ଆସିକା,୧୦।୧(ସମିସ):** ଗଞ୍ଜାମ ଜିଲ୍ଲା କଂଗ୍ରେସ କମିଟି (ପଶ୍ଚିମ) ଆସିକା କାର୍ଯ୍ୟାଳୟରେ ଜିଲ୍ଲା ସଭାପତି ତଥା ସାନଖେମୁଣ୍ଡି ବିଧାୟକ ରମେଶ ଜେନାଙ୍କ ଅଧ୍ୟକ୍ଷତାରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଦେଶ ଓ ରାଜ୍ୟରେ ଶାସକ ଦଳ ବିଜେପି ଉପରେ ଗର୍ଜିଛନ୍ତି ଶ୍ରୀ ଜେନା। ମନରେଗାର ନାମ ପରିବର୍ତ୍ତନ କରିବା, ବିଦ୍ୟୁତ ବିଭାଗର ମନମାନି, ଚାଷୀ ମଣ୍ଡି ନାମରେ ଲୁଟିବା, ମାଗଣା ବିଦ୍ୟୁତ ଯୋଗାଣ ସଂକ୍ରାନ୍ତରେ ବିଜେପିର କିଭଳି ଦୃଷ୍ଟି ଭଙ୍ଗୀ ରହିଛି ତାହାର ସମାଲୋଚନା କରିଥିଲେ। ସେଭଳି କଂଗ୍ରେସର ଜିଲ୍ଲା ପ୍ରଭାରୀ ତଥା ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ସଗରିଆ ବଜେପି ସରକାର ଉପରେ ଅନୁରୂପ ବିଷୋଦଗାର କରିଥିଲେ। ଆସିକା ସାଂସଦ ପ୍ରାର୍ଥୀ ଦେବକାନ୍ତ ଶର୍ମା, ଯୁବ ନେତା ପ୍ରିୟାଂଶୁ ପରିଡା ଓ ଚିତ୍ରସେନ ବେହେରାଙ୍କ ସମେତ ସୋରଡ଼ା ବିଧାୟକ ପ୍ରାର୍ଥୀ ଏବଂ ବହୁ କଂଗ୍ରେସ ଛାମୁଆ ନେତା ମାନେ ଉପସ୍ଥିତ ଥିଲେ।

# 'ଭଞ୍ଜବିହାର'ରେ 'ଓଡିଆ ଅସ୍ମିତା'କୁ ଉପହାସ










**ବ୍ରହ୍ମପୁର,୧୦।୧(ସମିସ):**

ନିକଟରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ନିଜର ପ୍ରତିଷ୍ଠା ଦିବସ ପାଳନ ଅବସରରେ ଓଡିଆ ଭାଷା, ସଂସ୍କୃତି ଓ ଅସ୍ମିତାକୁ ଭୁଲି ଯାଇଥିବା ନେଇ ବୁଦ୍ଧିଜୀବୀଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏହାପରେ ମଧ୍ୟ ସ୍ଥିତିରେ ପରିବର୍ତ୍ତନ ଆସିବା ତ ଦୂରର କଥା କ୍ୟାମ୍ପସରେ ଓଡିଆ ଭାଷା ଓ ଅସ୍ମିତାକୁ ଉପହାସ

**କ୍ୟାମ୍ପସ୍‌ରେ ପୁଲିସ ମାନୁନି ପ୍ରଦୂଷଣ କଟକଣା**

କରାଯାଉଥିବା ଦେଖିବାକୁ ମିଳିଛି। ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ଥିବା ପ୍ରଶାସନିକ କୋଠାଠାରୁ ଆରମ୍ଭ କରି ପିଜି କାଉନ୍‌ସିଲ ସେଣ୍ଟ୍ରାଲ ଅଫିସ ବା ବିଭାଗ ସମୂହ ଅଧକ୍ଷଙ୍କ କୋଠା, ସମସ୍ତ ବିଭାଗ ଏପରିକି ବିଭିନ୍ନ ସ୍ଥାନରେ ଥିବା ସମସ୍ତ ସୂଚନା ଫଳକ ଓ ନାମ ଫଳକ ସବୁକିଛି ଇଂରାଜୀରେ ଉଲ୍ଲେଖ ରହିଛି। ଆଉ ଏଥିପାଇଁ ସ୍ୱର ଉତ୍ତୋଳନ କରିବାକୁ କେହି ନାହାଁନ୍ତି।

ଖୋଦ୍ ମୁଖ୍ୟମନ୍ତ୍ରୀ ଓଡ଼ିଆରେ ସରକାରୀ ନଥିପତ୍ର ଲେଖିବାକୁ ଆହ୍ୱାନ ଦେଉଥିବା ବେଳେ ରାଜ୍ୟର ଉଭୟ ଉଚ୍ଚଶିକ୍ଷା ଓ ସଂସ୍କୃତି ବିଭାଗ ଦାୟିତ୍ୱରେ ଅଛନ୍ତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ। ବିଭାଗ ପକ୍ଷରୁ ଅନ୍ତତଃ ପକ୍ଷେ ସମସ୍ତ ନାମ ଓ ସୂଚନା ଫଳକରେ ଶତକଡ଼ା ୬୦ ପ୍ରତିଶତ ଓଡିଆ ରହିବାକୁ ନିର୍ଦ୍ଦେଶନାମା ଜାରି କରାଯାଇଛି। କିନ୍ତୁ ଭଞ୍ଜବିହାରରେ ଏହାର ଖୋଲାଖୋଲି ଉଲ୍ଲଙ୍ଘନ ହେଉଛି। ସବୁଠାରୁ ବଡ଼କଥା ହେଲା ଛୋଟବଡ଼ ବ୍ୟବସାୟୀକ ପ୍ରତିଷ୍ଠାନ ଉପରେ ପ୍ରଶାସନ ଚଢ଼ଉ କରୁଥିବାବେଳେ ଏହା ପ୍ରତି କାହାର ନଜର ନାହିଁ। କ୍ୟାମ୍ପସର ସମସ୍ତ ନାମ ଓ ସୂଚନା ଫଳକକୁ ଓଡ଼ିଆରେ ଲେଖାଯିବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

ଏହି ପ୍ରସଙ୍ଗରେ ନିଜର ପ୍ରତିକ୍ରିୟା ରଖି, କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ନାମରେ ନାମିତ ବିଶ୍ୱବିଦ୍ୟାଳୟରେ ଓଡ଼ିଆ ଭାଷାର ଅଭାବ ବୋଧ ସ୍ୱର ଓଡ଼ିଆ ଅସ୍ମିତା ପ୍ରତି କରୁଣ ପ୍ରହାର ସଦୃଶ। ଏହାଦ୍ୱାରା ଅନୁଷ୍ଠାନ ଭଞ୍ଜବିହାର ନାମର ଗରିମାକୁ ନଷ୍ଟ କରିବା ସହ ଓଡ଼ିଆ ଭାଷା ପ୍ରତି ଏକ ପ୍ରକାର ଛଳନା ଓ ଦୋଷୀଙ୍କ ବିରୁଦ୍ଧରେ ଦଣ୍ଡବିଧାନ ଦାବି କରିଛନ୍ତି ଭାଷା ଆନ୍ଦୋଳନର ଓଡ଼ିଶା ସଭାପତି ଡାକ୍ତର ସାଗର ରଂଜନ ତ୍ରିପାଠୀ।

ସେହିଭଳି ପ୍ରଦୂଷଣକୁ ରୋକିବାକୁ ଯାଇ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ସପ୍ତାହରେ ଅନ୍ତତଃ ଦିନଟିଏ ଅର୍ଥାତ୍ ଶନିବାର କ୍ୟାମ୍ପସରେ ଯାନବାହାନ ଚଳାଚଳ ଉପରେ କଟକଣା ଜାରି କରିଛନ୍ତି। ଶନିବାର କ୍ୟାମ୍ପସ ଭିତରକୁ କେହି ଯାନବାହାନ ନେଇ ଯାଉନଥିବା ବେଳେ ଯାନବାହନକୁ ମୁଖ୍ୟଫାଟକ ନିକଟରେ ଛାଡ଼ି ଚାଲିଚାଲି ଯାଉଛନ୍ତି। ଖୋଦ୍ କୁଳପତି ମଧ୍ୟ ବ୍ୟାଟେରି ଗାଡିରେ ଯାଉଛନ୍ତି। ଶନିବାର କ୍ୟାମ୍ପସରେ ଅନୁଷ୍ଠିତ ନିଖିଳ ଓଡିଶା ବିଶ୍ୱବିଦ୍ୟାଳୟ କର୍ମଚାରୀ ମହାସଂଘର ସୁବର୍ଣ୍ଣ ଜୟନ୍ତୀ ଅବସରରେ ନିମନ୍ତ୍ରିତ ସମସ୍ତ ଅତିଥିମାନେ ମଧ୍ୟ ଚାଲି ଚାଲି ଅଥବା ବ୍ୟାଟେରି ଗାଡ଼ିରେ ଯାଇଥିଲେ। ମାତ୍ର ସୁରକ୍ଷା ଆଳରେ ପୁଲିସ ଗାଡ଼ି କ୍ୟାମ୍ପସରେ ଚକ୍କର ମାରୁଥିବା ବେଳେ ସ୍କୁଲ ଯାନବାହାନ ପାଇଁ ମଧ୍ୟ କଟକଣାରେ କୋହଳ କରାଯାଇଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ଅସନ୍ତୋଷ କୁହୁଳିବାରେ ଲାଗିଛି।

ଦ୍ୱାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



(ରଘୁନାଥ ପୁର, ମେଇନ ରୋଡ଼, ଜାତୀୟ ରାଜପଥ ୧୬ ନମ୍ବର, ନରେନ୍ଦ୍ର ପୁର ଗ୍ରାମ ପଞ୍ଚାୟତ, ଛତ୍ରପୁର ବ୍ଲକ)

କୁହନ୍ତି ପିତା, ସ୍ୱର୍ଗ ହେଲେ, ତୁମେ ସ୍ୱର୍ଗଠୁ ବି ବଡ। ତୁମର ନୀତି ଆଦର୍ଶ ଆମମାନଙ୍କ ପରିଚୟ। ଆର ପାରିରେ ରହି ତୁମେ ଆମକୁ ସାହସ ଧୈର୍ଯ୍ୟ ଏବଂ ଆଶିର୍ବାଦ ଦେଉଥିବ। ଏହା ଆଶା। ଯେଉଁଠି ବି ଥାଅ, ତୁମର ଆତ୍ମା ସଦଗତି କାମ କରି ପ୍ରଭୁ ଜଗନ୍ନାଥଙ୍କ ନିକଟ ପ୍ରାର୍ଥନା।

ଶୋକ ସନ୍ତପ୍ତ: ସାହୁ ପରିବାର

ଧର୍ମ ପତ୍ନୀ: ସରସ୍ୱତୀ, ପୁତ୍ର: ସୂର୍ଯ୍ୟ ନାରାୟଣ, ମହେନ୍ଦ୍ର, ବୋହୂ: ନିରାଜା, ତନୁଜା, ଝିଅ: ପ୍ରମିଳା, ଧରିତ୍ରୀ, ରେଣୁ ବାଳା, ଜ୍ୱାଇଁ: ଯୁଧିଷ୍ଠିର, ଭୀମସେନ, ଅରୁଣ ଏବଂ ନାତିନାତୁଣୀ: ଟିକି, ଟିଙ୍କୁ, ବନି, ଶନି, ସନତ,ଚିଣ୍ଟୁ, ଓମ୍, ପ୍ରେମ, ଅସ୍ମିତ, ଅନସୁ, ପିଙ୍କୁ ଓ ପରିବାର ବନ୍ଧୁ ବର୍ଗ, ସାଙ୍ଗ ସାଥୀ ଗ୍ରାମବାସୀ ବୃନ୍ଦ।

୰ ଗଣପତି ସାହୁ
(ବିଶିଷ୍ଟ ସମାଜସେବୀ ତଥା ତାରାତାରିଣୀ ରାଇସ ମିଲ ମାଲିକ)
ଆବିର୍ଭାବ: ୧୯୪୧
ତିରୋଧାନ: ୩୧.୧୨.୨୦୨୫

## ରେଶମ ସହରରେ ଏକ୍ୟୁଆଇ ୧୬୮ ପାର୍

# ବ୍ରହ୍ମପୁର ବାୟୁ ପ୍ରଦୂଷଣ ଚିନ୍ତାଜନକ ନୁହେଁ: ଏସ୍‌ପିସିବି

ବ୍ରହ୍ମପୁର,୧୦।୧(ସମିସ): ବ୍ରହ୍ମପୁର ସହରରେ ବାୟୁ ପ୍ରଦୂଷଣ ଦିନକୁ ଦିନ ବୃଦ୍ଧି ପାଉଥିବା ଚର୍ଚ୍ଚା ହେଉଛି। ଏନେଇ ସହରବାସୀଙ୍କ ମନରେ ଭୟ ସୃଷ୍ଟି ହୋଇଛି। ଅତ୍ୟଧିକ ବାୟୁ ପ୍ରଦୂଷଣ କାରଣରୁ ସହରବାସୀଙ୍କ ନିମନ୍ତେ ନିଃଶ୍ୱାସ ନେବାରେ ସମସ୍ୟା ସୃଷ୍ଟି ହେବା ସହ ରାଜଧାନୀ ଦିଲ୍ଲୀ ପରି ପରିସ୍ଥିତି ନଉପୁଜୁ ବୋଲି ଭୟଭୀତ ରହିଛନ୍ତି। ଇତିମଧ୍ୟରେ ବ୍ରହ୍ମପୁରରେ ଗୁଗଲ ୱେବ ସାଇଟରେ ବାୟୁ ଗୁଣବତ୍ତା ସୂଚକ(ଏକ୍ୟୁଆଇ)ର ମାନ ୧୬୮ ରହିଥିବା ବେଳେ ତାହା ଅସ୍ୱାସ୍ଥ୍ୟକର ବୋଲି ଦର୍ଶାଯାଇଛି। ଯାହାକୁ ନେଇ ପୁରା ସହରବାସୀଙ୍କ ମନରେ ଭୟ।

ଗୁଗଲରେ ଯେଉଁ ପ୍ରଦୂଷଣର ମାତ୍ରା ଦେଖାଦେଇଛି ତାହା ସଠିକ ହୋଇନଥିବା




ବେଳେ ଏହାକୁ ନେଇ ବ୍ୟସ୍ତ ହେବା ଅନୁଚିତ ବୋଲି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼(ଏସପିସିବି)ର ବ୍ରହ୍ମପୁର ଆଞ୍ଚଳିକ କେନ୍ଦ୍ର କାର୍ଯ୍ୟାଳୟ ଅଧିକାରୀ ଦୀପକ କୁମାର ସାହୁ କହିଛନ୍ତି। ଦକ୍ଷିଣ ଓଡ଼ିଶାର ପ୍ରମୁଖ ସହର

### ଗୁଗୁଲ୍ ଆକଳନକୁ ନେଇ ବ୍ୟସ୍ତ ହେବା ଅନୁଚିତ୍

ବ୍ରହ୍ମପୁରରେ ବର୍ତ୍ତମାନ ବାୟୁ ପ୍ରଦୂଷଣର ପରିସ୍ଥିତି ଚିନ୍ତାଜନକ ସ୍ତରରେ ନାହିଁ ବୋଲି କହିଛନ୍ତି। ଅନ୍ୟାନ୍ୟ ବଡ଼ ସହର ତୁଳନାରେ ବ୍ରହ୍ମପୁରର ବାୟୁ ଗୁଣମାନ ସାଧାରଣ ଓ ସହ୍ୟ ସୀମାରେ ରହିଛି। ବର୍ତ୍ତମାନ ସହରରେ ପ୍ରଦୂଷଣ ଯଥେଷ୍ଟ ନିୟନ୍ତ୍ରଣରେ ରହିଥିବା ଶ୍ରୀ ସାହୁ କହିଛନ୍ତି। ସେହିପରି ଚିକିତ୍ସକମାନଙ୍କ ମତାନୁସାରେ, ବର୍ତ୍ତମାନ ସମୟରେ ବାୟୁ ପ୍ରଦୂଷଣଜନିତ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାର ରୋଗୀ ସଂଖ୍ୟାରେ କୌଣସି ଅସାମାନ୍ୟ ବୃଦ୍ଧି ଦେଖାଯାଉନାହିଁ। ବ୍ରହ୍ମପୁରରେ ବାୟୁ ପ୍ରଦୂଷଣ ଧୀରେ ଧୀରେ ଏକ ଗୁରୁତର ସମସ୍ୟାର ରୂପ ନେଉଛି। ଅନିୟନ୍ତ୍ରିତ ଯାନଚଳାଚଳ, ନିର୍ମାଣ କାର୍ଯ୍ୟରୁ ଉଠୁଥିବା ଧୂଳି, ଖୋଲାରେ ଆବର୍ଜନା ଜଳାଇବା ଓ ବିଭିନ୍ନ କାରଖାନାରୁ ନିର୍ଗତ ଧୂଆଁ ସହରର ବାୟୁକୁ ଦିନକୁ ଦିନ ଅଧିକ ଦୂଷିତ କରିବାରେ ଲାଗିଛି। ବ୍ୟସ୍ତ ବଜାର ଅଞ୍ଚଳ, ବସଷ୍ଟାଣ୍ଡ, ଜାତୀୟ ରାଜପଥ ଓ ନିର୍ମାଣାଧୀନ ଅଞ୍ଚଳଗୁଡ଼ିକରେ ଧୂଳି ଓ ଧୂଆଁର ପରିମାଣ ଅତ୍ୟଧିକ ରହୁଛି। ଏହାର ପ୍ରଭାବରେ ଲୋକମାନେ ଶ୍ୱାସକଷ୍ଟ, ଆଖି ଜଳିବା, କାଶଛିଙ୍କ, ଆଲର୍ଜି ଓ ଦୀର୍ଘକାଳୀନ ଫୁସଫୁସ ରୋଗରେ ପୀଡ଼ିତ ହେବାରେ ଆଶଙ୍କା ରହିଛି। ଫଳରେ ଶିଶୁ, ବୃଦ୍ଧ ଓ ଆଗରୁ ଶ୍ୱାସକୋଷ ସମସ୍ୟା ଥିବା ରୋଗୀମାନେ ବାୟୁ ପ୍ରଦୂଷଣରେ ସବୁଠୁ ଅଧିକ ପ୍ରଭାବିତ ହେଉଛନ୍ତି। ଆଗାମୀ ଦିନରେ ସହରର ଦ୍ରୁତ ବିକାଶକୁ ଦୃଷ୍ଟିରେ ରଖି ବାୟୁ ଗୁଣମାନ ଉପରେ ସତର୍କ ନଜର ରଖିବା ଆବଶ୍ୟକ। ସଚେତନତା ଓ ସମୟୋପଯୋଗୀ ପଦକ୍ଷେପ ନିଆଗଲେ ବ୍ରହ୍ମପୁରରେ ବାୟୁ ପ୍ରଦୂଷଣ ଆଗାମୀ ଦିନରେ ମଧ୍ୟ ନିୟନ୍ତ୍ରଣରେ ରହିପାରିବ ବୋଲି ବହୁ ପରିବେଶବିତ୍‌ମାନେ ମତ ପ୍ରକାଶ କରିଛନ୍ତି।

## ମାନବାଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ଦାବିପତ୍ର

ବ୍ରହ୍ମପୁର,୧୦।୧(ସମିସ): ମାନବ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ଏମକେସିଜି ମେଡ଼ିକାଲର ବିଭିନ୍ନ ସମସ୍ୟା ନେଇ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ରୋଗୀଙ୍କ ପାଇଁ ନିର୍ଦ୍ଧାରିତ ସରକାରୀ ଯୋଗାଣ ସାମଗ୍ରୀ ବ୍ୟାପକ ମାତ୍ରାରେ ବାଟମାରଣା ହେଉଥିବା ମଞ୍ଚ ଅଭିଯୋଗ କରିଛି। ରୋଗୀଙ୍କ ନିମନ୍ତେ ଯୋଗାଣ ହେଉଥିବା ବେଡ୍‌ସିଟ୍, ମଶାରି, ବେଡ୍‌ପେନ୍, ମାଟ୍ରେସ୍, ଶୀତବସ୍ତ୍ର ଓ ମାସ୍କ ଭଳି ବିଭିନ୍ନ ସାମଗ୍ରୀ ରୋଗୀମାନଙ୍କୁ ପ୍ରଦାନ କରିବାରେ ଅବହେଳା କରାଯାଉଛି। ବିଶେଷକରି ଛାତି ଓ ଯକ୍ଷ୍ମା ବିଭାଗରେ ସଂକ୍ରମଣ ନିୟନ୍ତ୍ରଣ ଓ ସୁରକ୍ଷା ବ୍ୟବସ୍ଥା ପ୍ରତି ଘୋର ଅବହେଳା ହେଉଛି। ଏହି ପରିସ୍ଥିତିରେ ଅଧିକାଂଶ ରୋଗୀ ନିଜ



ଘରୁ ଆବଶ୍ୟକୀୟ ସାମଗ୍ରୀ ଆଣିବାକୁ ବାଧ୍ୟ ହେଉଛନ୍ତି। ତୁରନ୍ତ ଆବଶ୍ୟକୀୟ ସାମଗ୍ରୀ ଯୋଗାଇ ଦିଆନଗଲେ ପରିସ୍ଥିତି ଆହୁରି ଗମ୍ଭୀର ହେବ ଓ ଏଥିପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ଦାୟୀ ରହିବେ ବୋଲି ମଞ୍ଚ ଚେତାବନୀ ଦେଇଛି। ଏଭଳି ମେଡ଼ିକାଲର ବିଭିନ୍ନ ସମସ୍ୟା ନେଇ ମଞ୍ଚ ପକ୍ଷରୁ ଏମକେସିଜି ମେଡିକାଲର ଅଧୀକ୍ଷକ ପ୍ରଫେସର ଡା. ଦୁର୍ଗା ମାଧବ ଶତପଥୀଙ୍କ ସହ ଆଲୋଚନା କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହାର ଏକ ନକଲ ସ୍ୱାସ୍ଥ୍ୟ ମନ୍ତ୍ରୀ ଓ ଗଞ୍ଜାମ ଜିଲ୍ଲାପାଳଙ୍କୁ ପ୍ରେରଣ କରାଯାଇଛି। ଦାବିପତ୍ର ଦେବା ସମୟରେ ମଞ୍ଚର ଆବାହକ ଆଇନଜୀବୀ ଅବନୀ ଗୟା, ବିଶିଷ୍ଟ ସମାଜସେବୀ ମନୋଜ କୁମାର ତରାଇ ଓ ଆପ୍ ନେତା ଆଦିତ୍ୟ ପ୍ରସାଦ ରଥ ପ୍ରମୁଖ ସାମିଲ ଥିଲେ।

### ମଞ୍ଚ କଳାକାର ସମ୍ମିଳନୀର ଆଲୋଚନାଚକ୍ର

## ‘ନାଟ୍ୟ ଚେତନା ରୂପାୟନରେ ନିର୍ଦ୍ଦେଶକଙ୍କ ଭୂମିକା’ ଆଲୋଚନାଚକ୍ର



ବ୍ରହ୍ମପୁର,୧୦।୧(ସମିସ): ଗଞ୍ଜାମ ଜିଲ୍ଲା ମଞ୍ଚ କଳାକାର ସମ୍ମିଳନୀ ତରଫରୁ ଆୟୋଜିତ ନବମ ରାଜ୍ୟସ୍ତରୀୟ ତଥା ୩୫ତମ ଦକ୍ଷିଣ ଓଡ଼ିଶା ନାଟକ ମହୋତ୍ସବର ଅନ୍ତିମ ଦିବସରେ ଏକ ଆଲୋଚନାଚକ୍ର ଯୁଗ୍ମ ସାଧାରଣ ସମ୍ପାଦକ ଡ. ବିଜୟ ଚନ୍ଦ୍ର ମହାରଣାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଆଲୋଚକ ଭାବରେ ଓଡ଼ିଶାର ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ମୁକୁନ୍ଦ ଶତପଥୀ, ଡ. ନରେନ୍ଦ୍ର ମିଶ୍ର, ବିପିନ୍ ମହାପାତ୍ର, ପ୍ରଦୀପ ବିଶ୍ୱାଳ, ହୃଷୀକେଶ ମହାପାତ୍ର, ଚିତ୍ତରଞ୍ଜନ ଶତପଥୀ, ରାଜୁ ପାଢ଼ୀ, ସ୍ୱପେଶ୍ୱର ପ୍ରଧାନ, ଏନ୍. ରାମ ବାବୁ, ରାମଚନ୍ଦ୍ର ସାସମଲ, କେ. କୃଷ୍ଣମୂର୍ତ୍ତି, ସୁବାସ ଚନ୍ଦ୍ର ସାହୁ, ଶଙ୍କର୍ଷଣ ସାବତ, ଅନୁଷ୍ଠାନର ସାଧାରଣ ସମ୍ପାଦକ ରମେଶ ମହାରଣା ପ୍ରମୁଖ ଯୋଗ ଦେଇଥିଲେ।

‘ନାଟ୍ୟ ଚେତନା ରୁପାୟନରେ ନିର୍ଦ୍ଦେଶକଙ୍କ ଭୂମିକା’ ଶୀର୍ଷକରେ ଆଲୋଚନା କରାଯାଇଥିଲା। ମଞ୍ଚ ନାଟକକୁ ସଫଳ କରିବା ଦିଗରେ ନିର୍ଦ୍ଦେଶକ ପ୍ରଥମେ ଜଣେ ଦର୍ଶକ ତଥା ଜଣେ ସଫଳ କଳାକାର ହୋଇପାରିଲେ ନିର୍ଦ୍ଦେଶନା କ୍ଷେତ୍ରରେ ଶୀର୍ଷ ସ୍ଥାନରେ ପହଞ୍ଚିପାରିବେ ବୋଲି ଏଠାରେ ମତପ୍ରକାଶ ପାଇଥିଲା। ଆଲୋଚନାଚକ୍ରକୁ ବିଶିଷ୍ଟ ନାଟ୍ୟକାର ଓ ନିର୍ଦ୍ଦେଶକ ଭଜକୃଷ୍ଣ ମହାନ୍ତି ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସତ୍ୟ ମହାରଣା, ପ୍ରଶାନ୍ତ ମହାରଣା, କୃଷ୍ଣ ପଣ୍ଡା, ସୁବାସ ମହାରଣା ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସୁଶାନ୍ତ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ।

# ଆସୁଛି ମକର; ଜମିବ ଆସର

- ତେଲୁଗୁ ଭାଇ ଭଉଣୀଙ୍କ ପ୍ରମୁଖ ପରମ୍ପରା
- ଭୋଗୀରେ ବାନ୍ଧିବେ ମେଳି

ବ୍ରହ୍ମପୁର,୧୦।୧(ସମିସ): ପୁରୁଣା ବର୍ଷକୁ ଭୁଲିଯିବା। ନୂଆ ଆଶା, ନୂଆ ଭରଷା, ନୂତନ ଉଦ୍ଦୀପନା ନେଇ ଆଗକୁ ଯିବା। ଏହା କେବଳ ଏକ ଉକ୍ତି ନୁହେଁ ବରଂ ଅନେକ ପରମ୍ପରା ଓ ସଂସ୍କୃତି ଆମକୁ ଏଭଳି ଶିକ୍ଷାଦିଏ। ଅନେକ ସମ୍ପଦାୟର ଜନସାଧାରଣଙ୍କୁ ନେଇ ଅଖଣ୍ଡ ଭାରତ ଗଠିତ। ପ୍ରତ୍ୟେକ ସମ୍ପ୍ରଦାୟର ଏଠି ସ୍ୱତନ୍ତ୍ର ପରମ୍ପରା ରହିଛି। ସେହିଭଳି ତେଲୁଗୁ ସମ୍ପ୍ରଦାୟର ଅନନ୍ୟ ପରମ୍ପରା ହେଉଛି “ପାଣ୍ଡୁଗୁ’। ଯାହାକି ଓଡ଼ିଆରେ “ମକର ସଂକ୍ରାନ୍ତି’ ଓ ତେଲୁଗୁରେ ପୋଙ୍ଗଲ୍ ବୋଲି କୁହାଯାଏ। ସାରା ବର୍ଷର କଷ୍ଟକୁ ଦୂର କରିବାକୁ ମକର ସଂକ୍ରାନ୍ତି ଦିନଟିକୁ ବେଶ ଉତ୍ସାହର ସହ ପାଳନ କରିଥାନ୍ତି ତେଲୁଗୁ ସମ୍ପ୍ରଦାୟର ଜନସାଧରଣ। ଏହି ପର୍ବ କେଉଁଠି ତିନିଦିନ ତ କେଉଁଠି ୪ଦିନ ପାଳିତ ହୋଇଥାଏ। ଏହାର ପ୍ରଥମ ଦିନ ହେଉଛି “ଭୋଗି’। ଗୋଟିଏ ଯାଗାରେ ତେଲୁଗୁ ସମ୍ପ୍ରଦାୟର ସମସ୍ତ ଜନସାଧାରଣ ଏକାଠି ହୋଇ ଏହାକୁ ପାଳନ କରିଥାନ୍ତି। ଏହାର ବିଶେଷତ୍ୱ ହେଉଛି ଭୋଗି ଶବ୍ଦଟି ସଂସ୍କୃତ ଭାଷାରୁ ଆସିଛି। ଯାହାର ଅର୍ଥ ହେଉଛି ସୁଖ। ପ୍ରବଳ ଥଣ୍ଡାରୁ ମୁକ୍ତି ପାଇଁ ସର୍ବସାଧାରଣସ୍ଥଳରେ ନିଆଁ ଲଗାଯାଇ ଏହାକୁ ଘେରି ସମସ୍ତେ ଉପଭୋଗ କରିଥାନ୍ତି। ମହିଳା ମାନେ ମାସ ସାରା ଗାଇ



ଗୋବରରେ ପେଡ଼ାକ୍କା ଘସି କରିଥାନ୍ତି। ଏହି ଘସିକୁ ଭୋଗୀ ଦିନ ରଙ୍ଗନାଥ ସ୍ୱାମୀ ଓ ଗଙ୍ଗାଦେବୀଙ୍କୁ ପୂଜାର୍ଚ୍ଚନା କରି ନିଆଁରେ ପକାଯାଇଥାଏ। ଏହାଦ୍ୱାରା ଲୋକେ ଉଷ୍ମ ଅନୁଭବ କରିବା ସହ ସ୍ୱାସ୍ଥ୍ୟ ପାଇଁ ଏହା ଭଲ ବୋଲି କୁହାଯାଇଛି। କେତେକ ସ୍ଥାନରେ କାଠ ସାମଗ୍ରୀ ଓ ଗଣ୍ଡି ପକାଯାଇ ମଧ୍ୟ ଧୂନି କରାଯାଇଥାଏ।

ତାପର ଦିନ ହେଉଛି ମକର ସକ୍ରାନ୍ତ ବା ପୋଙ୍ଗଲ। ଏହି ପର୍ବ ପିତୃପୁରୁଷଙ୍କ ଲାଗି ଉର୍ତ୍ସଗୀକୃତ ହୋଇଥାଏ। ଏହି ଦିନର ପ୍ରତ୍ୟେକ ତେଲୁଗୁ ପରିବାରରେ ପିତୃପୁରୁଷଙ୍କୁ ପିଣ୍ଡଦାନ ଦିଆଯାଇଥାଏ। ନୂଆବସ୍ତ୍ର ପରିଧାନ କରିବା ସହ ଝିଅ-ଜ୍ୱାଇଁ ଘରକୁ ଆସିଥାନ୍ତି। ଖୁସିର ମାହୋଲ ସୃଷ୍ଟି ହୋଇଥାଏ। ପିତୃପୁରୁଷଙ୍କୁ ପିଣ୍ଡଦାନ ସହିତ ନୂଆବସ୍ତ୍ର ମଧ୍ୟ ସମର୍ପଣ କରି ପୂଜା କରାଯାଇଥାଏ। ପରବର୍ତ୍ତୀ ସମୟରେ ଏହି ନୂତନ ବସ୍ତ୍ରକୁ ପରିବାର ଲୋକେ ବ୍ୟବହାର କରିଥାନ୍ତି ଓ ନୂଆ ଚାଉଳରେ ଭୋଗ ପ୍ରସ୍ତୁତ କରି ଭୋଗ ଲଗାଇଥାନ୍ତି।

ତାର ପରଦିନକୁ ‘କାନୁମା’ ଭାବରେ ପାଳନ କରାଯାଇଥାଏ। ଏହି ଦିନରେ ଅମଳ ହୋଇଥିବା ଧାନ ସହ ଗୃହପାଳିତ ପଶୁଙ୍କୁ ପୂଜା କରାଯାଇଥାଏ। କୃଷକମାନେ ବର୍ଷକର କ୍ଳାନ୍ତି ଦୂର କରିବା ପାଇଁ ଏହି ଦିନକୁ ବେଶ୍ ମଜାମସ୍ତିର ସହ ପାଳନ କରିଥାନ୍ତି। କେହି କେହି ପରିବାର ଓ ସାଙ୍ଗସାଥିଙ୍କ ମେଳରେ ନିରାମିଷ ଓ ଆମିଷ ଭୋଜି କରିଥାନ୍ତି।

ଶେଷ ଦିନ ହେଉଛି ‘ମୁକ୍କାନମ୍’। ଏହି ଦିନରେ ନୂଆ ଅମଳ ହୋଇଥିବା ଧାନ ଓ ପରିବାକୁ ରୋଷେଇ କରି ବନ୍ଧୁ ସହୋଦରଙ୍କ ସାଙ୍ଗରେ ମିଶି ଖାଇଥାନ୍ତି।

ଓଡ଼ିଶା ଆନ୍ଧ୍ର ସୀମାନ୍ତବର୍ତ୍ତୀ ଇଲାକା କୁହାଯାଉଥିବା ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ସମେତ ଛତ୍ରପୁର, ରଙ୍ଗେଇଲୁଣ୍ଡା, ଚିକିଟି, ପାତ୍ରପୁର ବ୍ଲକ ସମେତ ଅନ୍ୟାନ୍ୟ ଅଂଚଳମାନଙ୍କରେ ଅଧିକାଂଶ ତେଲୁଗୁ ସମ୍ପ୍ରଦାୟର ଲୋକେ ବସବାସ କରିଥାନ୍ତି। ଏହି ଅଂଚଳରେ ପୋଙ୍ଗଲ୍ ପର୍ବକୁ ଧୁମଧାମରେ ପାଳନ କରାଯାଉଛି।

ବ୍ରହ୍ମପୁର ସହରରେ ମିଳିତ ଭାବେ ଭୋଗୀ ପାଳନ ହେଉଥିବା ବେଳେ ଘରେ ଘରେ ମକର ସଂକ୍ରାନ୍ତିକୁ ପାଳନ କରାଯିବ। ସଙ୍ଗାତ ମଇତ୍ରଙ୍କୁ ମୁଆଁ ଓ ମକର ଚାଉଳ ଦିଆଯାଇଥାଏ। ଏହି ପରମ୍ପରା ଆଜି ବି ବଞ୍ଚି ରହିଥିବା ସହ ତେଲୁଗୁ ଭାଷାଭାଷୀ ଲୋକମାନଙ୍କ ମନରେ ଏହି ପର୍ବର ଆଗମନକୁ ନେଇ ନୂଆ ଉତ୍ସାହ ଦେଖିବାକୁ ମିଳିଛି। ଆଉ ଦିନ କେଇଟା ଦିନ ପରେ ମକର ବା ପୋଙ୍ଗଲ ଆସୁଥିବାରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି।

### କଂଗ୍ରେସ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

## ମନରେଗା ବଞ୍ଚାଅ ସଂଗ୍ରାମ ନେଇ ଅନଶନ

ବ୍ରହ୍ମପୁର,୧୦।୧(ସମିସ): ସ୍ଥାନୀୟ ବାପୁଜୀ ଆଶ୍ରମରେ ଜିଲ୍ଲା କଂଗ୍ରେସ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ଗ୍ୟାରେଣ୍ଟି ବା ମନେରଗାର ଏକ ବିକଳ୍ପ ଭାବେ ନୂଆକରି “ବିକଶିତ ଭାରତ-




ରୋଜଗାର ଏବଂ ଆଜୀବିକା ପାଇଁ ଗ୍ୟାରେଣ୍ଟି ମିସନ୍(ଗ୍ରାମୀଣ) ବା ସଂକ୍ଷେପରେ “ଭିବି-ଜି ରାମ ଜି’ ଲାଗୁ ହୋଇଛି। ମହାତ୍ମା ଗାନ୍ଧିଙ୍କ ନାମ ହଟାଇ ଦିଆ ଯାଇଥିବାରୁ କଂଗ୍ରେସ ପକ୍ଷରୁ ଏହାକୁ ବିରୋଧ କରାଯାଉଥିବ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଥିଲା। ଗ୍ରାମାଞ୍ଚଳରେ କାମର ଅଭାବକୁ ଦୂର କରିବା ଓ ଲୋକଙ୍କ ଜୀବନକୁ ଅଧିକ ସ୍ୱାଭାବିକ କରିବାରେ ମନରେଗା ୨୦୦୫ ମସିହାରୁ ପ୍ରମୁଖ ଭୂମିକା ଗ୍ରହଣ କରି ଆସିଥିଲା। ତେବେ ଏହା ସଠିକ୍ ଭାବେ କାର୍ଯ୍ୟକାରୀ ହେଉନଥିବା କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ଏନେଇ କଂଗ୍ରେସ ଦଳ ପକ୍ଷରୁ ଏହାକୁ ପ୍ରତିବାଦ କରି ଆନ୍ଦୋଳନ କରାଯାଇଛି। ରବିବାର ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ଦଳ ପକ୍ଷରୁ ଅନଶନ କରାଯିବା ସହ ଆଗାମୀ ଦିନରେ ପଞ୍ଚାୟତ ସ୍ତରରେ ଆନ୍ଦୋଳନ କରି ଲୋକଙ୍କୁ ଅବଗତ କରାଯିବ ବୋଲି ନିଷ୍ପତି ହୋଇଛି। ଏହା ସହ ରାଜ୍ୟରେ ଥିବା ବିଜେପି ସରକାର ନିର୍ବାଚନ ପୂର୍ବରୁ ଲୋକଙ୍କୁ ୩ଶହ ୟୁନିଟ୍ ବିଜୁଳି ମାଗଣାରେ ପ୍ରଦାନ କରିବା ନେଇ ପ୍ରତିଶ୍ରୁତି ଦେଇଥିଲେ କିନ୍ତୁ ଏହାକୁ କାର୍ଯ୍ୟକାରି କରୁନି ସରକାର। ଏହାକୁ ତୁରନ୍ତ ଲାଗୁ କରିବା ପାଇଁ କଂଗ୍ରେସ ଦାବି କିରଛି। ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା କଂଗ୍ରେସ ସଭାପତି(ପୂର୍ବ) ରଶ୍ମୀରଞ୍ଜନ ପଟ୍ଟନାୟକ, ପୂର୍ବତନ ବିଧାୟକ ତଥା ପର୍ଯ୍ୟବେକ୍ଷକ ନିମାଇଁ ସରକାର ସମେତ ବହୁ କଂଗ୍ରେସ ନେତା ଉପସ୍ଥିତ ଥିଲେ।

## ଏମ୍‌କେସିଜି ଛାତି ଓ ଯକ୍ଷ୍ମା ରୋଗ ବିଭାଗରେ କମ୍ବଳ ବଣ୍ଟନ

ବ୍ରହ୍ମପୁର,୧୦।୧(ସମିସ): ହାଡ଼ ଭଙ୍ଗା ଶୀତରେ ମଧ୍ୟ ଏମକେସିଜି ମେଡ଼ିକାଲର ଛାତି ଓ ଯକ୍ଷ୍ମା ରୋଗ ବିଭାଗରେ ଚିକିତ୍ସିତ ରୋଗୀ ତଳେ ଶୋଉଥିବା ନେଇ ‘ସକାଳ’ ଖବରକାଗଜରେ ଖବର ପ୍ରକାଶ ପାଇଥିଲା। ଏହାପରେ ଏମକେସିଜି ମେଡ଼ିକାଲ କର୍ତ୍ତୃପକ୍ଷ ବିଭାଗର ବହୁ ରୋଗୀଙ୍କୁ କମ୍ବଳ ବଣ୍ଟନ କରିଛନ୍ତି।



ପୂର୍ବରୁ ୬୦ଟି କମ୍ବଳର ବ୍ୟବସ୍ଥା କରାଯାଇଥିବା ବେଳେ ଶନିବାର କିଛି ରୋଗୀଙ୍କୁ କମ୍ବଳ ପ୍ରମଳ ପ୍ରଦାନ କରାଯାଇଛି।

## ୧୧ରୁ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ଜୟନ୍ତୀ

ବ୍ରହ୍ମପୁର, ୧୦।୧ (ସମିସ): ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଅନ୍ୟତମ କର୍ଣ୍ଣଧାର ଖଲ୍ଲିକୋଟ ରାଜା ବାହାଦୂର ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ୧୨୬ତମ ଜୟନ୍ତୀ ଆସନ୍ତା ୧୧ରୁ ୩ଦିନ ବ୍ୟାପି ଆୟୋଜିତ ହେବ। ୧୧ରେ ଖଲ୍ଲିକୋଟ, ୧୨ରେ ବ୍ରହ୍ମପୁର ଏବଂ ୧୩ରେ ଭୁବନେଶ୍ୱର ଠାରେ ରାଜ୍ୟସ୍ତରୀୟ ଉତ୍ସବ ପାଳିତ ହେବ। ୧୨ତାରିଖରେ ବ୍ରହ୍ମପୁର ଠାରେ କେସି ଟ୍ରଷ୍ଟ ପକ୍ଷରୁ କେସି ପବ୍ଲିକ ସ୍କୁଲ ପରିସରରେ ଆୟୋଜିତ ହେବାକୁ ଥିବା ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଯୋଗ ଦେବେ। ଏହି ଅବସରରେ ସୁନାମଧନ୍ୟ ଅସ୍ଥିଶଲ୍ୟ ବିଶେଷଜ୍ଞ ପ୍ରଫେସର ଡା. କେ. ଏମ. ପାଠୀ ଓ ଉପାନ୍ତ ପ୍ରହରୀ ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କୁ ସମ୍ମାନିତ କରାଯିବ। ଏନେଇ ମହୋତ୍ସବ ଆୟୋଜନ କମିଟି ପକ୍ଷରୁ ଆୟୋଜିତ




ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ ଚନ୍ଦ୍ର ମିଶ୍ର, କେ.ସି.ପବ୍ଲିକ ସ୍କୁଲର ଅଧ୍ୟକ୍ଷ ଅଶୋକ ମିଶ୍ର, ସଦସ୍ୟ ତଥା ବରିଷ୍ଠ ସାମ୍ବାଦିକ ସୁନୀଲ ପଟ୍ଟନାୟକ ଓ ପ୍ରକାଶ ପଟ୍ଟନାୟକ ଉପସ୍ଥିତ ଥିଲେ।

### ନିଖିଳ ଓଡ଼ିଶା ବିଶ୍ୱବିଦ୍ୟାଳୟ କର୍ମଚାରୀ ମହାସଂଘର ସୁବର୍ଣ୍ଣ ଜୟନ୍ତୀ

# ଏନ୍‌ପିଏସ୍ ସ୍କିମ୍‌ରେ ଫ୍ୟାମିଲି ପେନ୍‌ସନ୍ ଲାଗୁ ଦାବି

ବ୍ରହ୍ମପୁର,୧୦।୧(ସମିସ): ନିଖିଳ ଓଡିଶା ବିଶ୍ୱବିଦ୍ୟାଳୟ କର୍ମଚାରୀ ମହାସଂଘର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଏବଂ ୧୪ଶ ଦ୍ୱିବାର୍ଷିକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି।




### ଅବସରପ୍ରାପ୍ତ ୩୦ ବରିଷ୍ଠ ନେତୃବୃନ୍ଦଙ୍କୁ ସମ୍ବର୍ଦ୍ଧନା

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ନୂତନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଯୋଗ ଦେଇଥିଲେ। ସଂଘର ସଭାପତି ରଂଜନ କୁମାର ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ ନିଖିଳ ଭାରତ ବିଶ୍ୱବିଦ୍ୟାଳୟ କର୍ମଚାରୀ ମହାସଂଘର ସଭାପତି ତଥା ପୂର୍ବତନ ସାଂସଦ ଭବାନୀ ଶଙ୍କର ହୋତା ଏବଂ ସମ୍ମାନିତ ଅତିଥି ଭାବେ କୁଳସଚିବ ସଚ୍ଚିଦାନନ୍ଦ ନାୟକ ଯୋଗ ଦେଇଥିଲେ। ସୁବର୍ଣ୍ଣ ଜୟନ୍ତୀ ଉତ୍ସବ କମିଟିର ଆବାହକ ଡ. ମିହିର କୁମାର ତ୍ରୀପାଠୀ ସ୍ୱାଗତ ଭାଷଣ ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ମହାସଂଘର ସମ୍ପାଦକ ଡ. ଅଜୟ କୁମାର ରଥ ସମ୍ପାଦକୀୟ ବିବରଣୀ ପାଠ କରିବା ସହିତ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଦାବି ଉପସ୍ଥାପନ କରିଥିଲେ। ଉତ୍ସବରେ ରାଜ୍ୟର ୧୪ଟି ବିଶ୍ୱବିଦ୍ୟାଳୟ ସମେତ ମହାସଂଘ ସହିତ ଅନୁବନ୍ଧିତ ବିଭିନ୍ନ ଶିକ୍ଷାନୁଷ୍ଠାର ଶତାଧିକ କର୍ମଚାରୀ ଯୋଗ ଦେଇଥିଲେ। ଏଥିରେ ବିଭିନ୍ନ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ତଥା ବରିଷ୍ଠ ୩୦ଜଣ ନେତୃବୃନ୍ଦଙ୍କୁ ମହାସଂଘ ପକ୍ଷରୁ ଉପଢୌକନ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା।

ଉତ୍ସବ ପରିଚାଳନାରେ ଯୁଗ୍ମ କୁଳସଚିବ ଡ. ବାବୁଜୀ ସାମଲ, ଡ. ସରୋଜ କୁମାର ଦାଶ, ଏ. ସୁର୍ଯ୍ୟପ୍ରକାଶ ରାଓ, ସୁଶାନ୍ତ କୁମାର ମହାପାତ୍ର, ବିରଞ୍ଚି ନାରାୟଣ ରାୟ, ଚିନ୍ତାମଣି ମିଶ୍ର, ନୀଳକଣ୍ଠ ମହାପାତ୍ର, ଡ. ଶଙ୍କର ମାଝୀ, ଡ. ଗଣପତି ପ୍ରସାଦ ଚୌଧୁରୀ, ଉପେନ୍ଦ୍ର ନାରାୟଣ ମହାପାତ୍ର, ସୁଶାନ୍ତ କୁମାର ପଣ୍ଡା, ବିଶ୍ୱବିହାରୀ ବିଷୋୟୀ, ଇନ୍ଦ୍ର ପ୍ରସାଦ ବେହେରା, ତେଜେଶ୍ୱର ରାଓ, ଅଜିତ ବେହେରା, ପ୍ରଶାନ୍ତ କୁମାର ପାଢ଼ୀ, ସତ୍ୟ ନାରାୟଣ ଶତପଥୀ, ମନୋଜ ଶତପଥୀ, ଦେବୀ ପ୍ରସାଦ ବେହେରା, ମହେଶ ମିଶ୍ର, ଏମ. ତାରିଣୀୟା ରେଡ୍ଡୀ, ସିମାଞ୍ଚଳ ବେହେରା, ପ୍ରଣତି ଦେ ଓ ସୁବାସିନୀ ପାତ୍ର ପ୍ରମୁଖ ସହଯୋଗ କରିଥିଲେ। ସଭାରେ ରାଜ୍ୟ ସରକାରଙ୍କ ବିଶ୍ୱବିଦ୍ୟାଳୟ କର୍ମଚାରୀଙ୍କ ପ୍ରତି ଚାଲିଥିବା ବୈମାତୃକ ମନୋଭାବକୁ ତିବ୍ର ବିରୋଧ କରାଯାଇଥିଲା। ଏନ୍‌ପିଏସ୍ ସ୍କିମରେ ଫ୍ୟାମିଲି ପେନସନ ଲାଗୁ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ଏହି ଅବସରରେ ମହାସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଚଳିତ ବର୍ଷ ପାଇଁ ସଭାପତି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଡ. ମିହିର କୁମାର ତ୍ରିପାଠୀ, ସାଧାରଣ ସମ୍ପାଦକ ଭାବେ ଓୟୁଏଟିର ମାନସ ରଞ୍ଜନ କର ଏବଂ କାର୍ଯ୍ୟକାରୀ ସଭାପତି ଭାବେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ପ୍ରଦୀପ କୁମାର ଗାନ ମନୋନିତ ହୋଇଥିଲେ। ଏଥି ସହିତ ପ୍ରତ୍ୟେକ ବିଶ୍ୱବିଦ୍ୟାଳୟରୁ ଜଣେ ଲେଖାଏଁ ଉପସଭାପତି, କାର୍ଯ୍ୟକାରୀ ସମ୍ପାଦକ ଏବଂ ୧୨ଜଣ ଉପଦେଷ୍ଟାଙ୍କୁ ଚୟନ କରାଯାଇଥିବା ଜଣାପଡିଛି।



କନ୍ଧମାଳ ମହୋତ୍ସବ ୪ର୍ଥ ସନ୍ଧ୍ୟା

# ମହମ୍ମଦ ଦାନିସ୍‌ଙ୍କ ଗୀତରେ ଝୁମିଲେ ଦର୍ଶକ





ଫୁଲବାଣୀ,୧୦।୧(ସମିସ)

ଅସହ୍ୟ ଜାଡ଼ ସତ୍ତ୍ୱେ କନ୍ଧମାଳ ମହୋତ୍ସବରେ ଜମୁଛି ଅସମ୍ଭାଳ ଭିଡ଼। ଲୋକେ ଶୀତ ସହ ଉତ୍ସବକୁ ମନଭରି ଉପଭୋଗ କରୁଛନ୍ତି। ଶନିବାର ୪ର୍ଥ ଦିନରେ ଇଣ୍ଡିଆନ ଆଇଡଲ୍ ରନର୍ସ ମହମ୍ମଦ ଦାନିସ୍ ଦର୍ଶକଙ୍କୁ ଝୁମାଇଥିଲେ। ସାଂସ୍କୃତିକ ସଭାରେ ସମ୍ମାନିତ ଅତିଥି ଭାବେ ପଦ୍ମଶ୍ରୀ ପୂର୍ଣ୍ଣମାସୀ ଜାନୀ, ଟ୍ରାଇଫେଡ୍ ଉପ ସଭାପତି ପବିତ୍ର କହଁର, ଫୁଲବାଣୀ ଡିଏଫ୍ଓ ପ୍ରତାପ କୋଟାପାଲ୍ଲି, ଫୁଲବାଣୀ ଉପ ଜିଲ୍ଲାପାଳ ଭିକାରୀ ସାହୁ, ବାଲିଗୁଡ଼ା ଡିଏଫ୍ଓ ଘନଶ୍ୟାମ ମହାନ୍ତ, ଫୁଲବାଣୀ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ କୃପାସିନ୍ଧୁ ବେହେରା ପ୍ରମୁଖ ଯୋଗଦେଇ ମହୋତ୍ସବ ପାଳନର ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ଶୀତ ସନ୍ଧ୍ୟାରେ ଲୋକେ ପଲ୍ଲିଶ୍ରୀ ମେଳା ବୁଲି ଜିନିଷ କିଣିବା ସହ ସାଂସ୍କୃତିକ ସନ୍ଧ୍ୟାର ମଜା ନେବାକୁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ସଭା ପରେ ଜିଲ୍ଲାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ନୃତ୍ୟ ପରିବେଷଣ କରାଯାଇଥିଲା। ଏହାପରେ ସବୁ ଉତ୍କଣ୍ଠାର ଅନ୍ତ ଘଟାଇ ଷ୍ଟେଜକୁ ଆସିଥିଲେ ଇଣ୍ଡିଆନ ଆଇଡଲ୍ ରନର୍ସ ମହମ୍ମଦ ଦାନିସ୍। ଗୋଟିଏ ପରେ ଗୋଟିଏ ସୁଫିଆନା ଅନ୍ଦାଜରେ ଗୀତ ଗାଇ ପୁରା ମାହୋଲକୁ ସରଗରମ କରି ଦେଇଥିଲେ। ଦର୍ଶକମାନେ ତାଳି ପରେ ତାଳି ମାରି ସଂଗୀତ ମୁର୍ଚ୍ଛନାରେ ଝୁମି ଉଠିଥିଲେ। ଦାନିସଙ୍କ କାର୍ଯ୍ୟକ୍ରମ ସମସ୍ତଙ୍କ ମନ ମୋହିଥିଲା।

## ସରିଲା ମହେନ୍ଦ୍ରତନୟା ମହୋତ୍ସବ

ଗୋଷାଣି,୧୦।୧(ସମିସ): ଗଜପତି ଜିଲ୍ଲା ଗୋଷାଣି ବ୍ଲକ ସଦର ମହକୁମାରେ ଚାଲିଥିବା ମହେନ୍ଦ୍ରତନୟା ମହୋତ୍ସବ ସ୍ଥାନୀୟ ପାରମ୍ପରିକ ନୃତ୍ୟଗୀତ, ବିଶିଷ୍ଟ କଣ୍ଠଶିଳ୍ପୀଙ୍କ ସଙ୍ଗୀତ ପରିବେଷଣ ମଧ୍ୟରେ ସମାପନ ହୋଇଛି। ଦ୍ୱିତୀୟ ତଥା ଅନ୍ତିମ ରଜନୀରେ ବିଶିଷ୍ଟ ଅତିଥିଗଣଙ୍କ ସମେତ କଳାକାର ବୃନ୍ଦ ଯୋଗ ଦେଇଥିଲେ। ଏହି ଦୁଇ ଦିନିଆ ମହୋତ୍ସବରେ ବ୍ଲକର ବିଭିନ୍ନ ପ୍ରାନ୍ତରୁ ଆସିଥିବା କଳାକାର ଏବଂ କଣ୍ଠଶିଳ୍ପୀ ଦମଦାର ସଙ୍ଗୀତ ଓ ନୃତ୍ୟ ପରିବେଷଣ ସାଙ୍ଗକୁ ଅତିଥିଙ୍କ ଉତ୍ସର୍ଗିକୃତ ଭାଷଣ ହଜାର ହଜାର ଜନସାଧାରଣଙ୍କୁ ବାନ୍ଧି ରଖିଥିଲା। ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ ବିଭିନ୍ନ ଗ୍ରାମାଞ୍ଚଳର କଳାକାରଙ୍କ ସଂଗୀତ ନୃତ୍ୟ ପରିବେଷଣ ସାଙ୍ଗକୁ ନୃତ୍ୟ, ଆଦିବାସୀ ନୃତ୍ୟରେ ମଞ୍ଚ ଦୁଲିକିଥିଲା। ନୃତ୍ୟ ସଙ୍ଗୀତର ତାଳେ ତାଳେ ଦର୍ଶକ ତଥା ଜନସାଧାରଣଙ୍କ ସହ ଅଧିକାରୀ, କର୍ମଚାରୀ ମଧ୍ୟ ନାଚଗୀତର ତାଳେ ତାଳେ ଝୁମି ଉଠିଥିଲେ।

ବ୍ଲକ ଅଧ୍ୟକ୍ଷ ଏନ୍.ବୀରରାଜୁଙ୍କ ସଭାପତିତ୍ୱରେ ହୋଇଥିବା ଉଦଯାପନ ସମାରୋହରେ ପାରଳାଖେମୁଣ୍ଡି ବନଖଣ୍ଡ ଅଧିକାରୀ କେ. ନାଗାରାଜୁ, ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପୃଥ୍ୱୀରାଜ ମଣ୍ଡଳ, ପାରଳାଖେମୁଣ୍ଡି ତହସିଲଦାର ନାରାୟଣ ବେହେରା ଓ ଜିଲ୍ଲାପରିଷଦ ସଭ୍ୟ ଏସ୍.ବାଲାରାଜୁ ମଞ୍ଚାସୀନ ହୋଇଥିଲେ। ଏହା ସାଙ୍ଗକୁ ପଞ୍ଚାୟତ ସମିତିର ସମସ୍ତ ସରପଞ୍ଚ, ସମିତି ତଥା ଜନପ୍ରତିନିଧି ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ବିଡିଓ ଗୌରଚନ୍ଦ୍ର ପଟ୍ଟନାୟକଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଥିବା ବେଳେ ପଞ୍ଚାୟତ ଉନ୍ନୟନ ଅଧିକାରୀ ଅଶୋକ କୁମାର ପାତ୍ର, ବ୍ଲକର ସହକାରୀ ନିର୍ବାହୀ ଯନ୍ତ୍ରୀ ସସ୍ମିତା ଜେନା, ଆକାଉଣ୍ଟସ୍ ଅଫିସର ଗଜେନ୍ଦ୍ର ବେହେରାଙ୍କ ସମେତ ବ୍ଲକର ସମସ୍ତ କର୍ମଚାରୀ, ପଞ୍ଚାୟତ ସମିତିର ସମସ୍ତ ସରପଞ୍ଚ, ସମିତି ସଭ୍ୟ/ସଭ୍ୟା, ପିଇଓ ମାନେ ପରିଚାଳନାରେ ସହଯୋଗ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ସିଆରସି ରଶ୍ମିତା ସାମଲ ଓ ଦେଉଳା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରାଜେନ୍ଦ୍ର ପାଣି।



ଦାରିଙ୍ଗବାଡ଼ି ଶୀତ ମହୋତ୍ସବ ତୃତୀୟ ସନ୍ଧ୍ୟା

## ମଟୁଆଲ କଳା ହେରି-ପ୍ରିୟମ୍ବଦାଙ୍କ ନୃତ୍ୟ



ଦାରିଙ୍ଗବାଡି,୧୦।୧(ସମିସ): ଦାରିଙ୍ଗବାଡ଼ି କଲେଜ ପଡ଼ିଆରେ ଚାଲିଥିବା ଶୀତ ମହୋତ୍ସବର ଶନିବାର ଥିଲା ତୃତୀୟ ସନ୍ଧ୍ୟା। ସମିତି ଅଧ୍ୟକ୍ଷ ସୁଶାନ୍ତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶୀତ ମହୋତ୍ସବ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବାଲିଗୁଡା ବିଧାୟକ ଚକ୍ରମଣୀ କହଁର ଯୋଗ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ବାଲିଗୁଡା ଏସଡିପିଓ ଶୁଭମ ଭୋସଲେ, ଅତିରିକ୍ତ ଏସପି ରମେନ୍ଦ୍ର ପ୍ରସାଦ, ଆଇପିଏସ୍ (ପ୍ରୋବେସନ) କେ. ଶ୍ରୀନିବାସୁଲୁ, ବିଡ଼ିଓ ପ୍ରୀତି ରଞ୍ଜନ ରଥ, ତହସିଲଦାର ଧୀରଜ ପାତ୍ର, ଟିକାବାଲି ବ୍ଲକ ଅଧ୍ୟକ୍ଷ ଦିଲୀପ କହଁର ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ। ମୁଖ୍ୟ ଆକର୍ଷଣ ଥିଲା ହେରି ଓ ପ୍ରିୟମ୍ବଦା ନୃତ୍ୟ। ତାଙ୍କ ନୃତ୍ୟରେ ଝୁମିଥିଲେ ଦର୍ଶକ। ଅତିଥିମାନଙ୍କୁ ଫୁଲତୋଡ଼ା ଦିଆଯାଇ ସ୍ୱାଗତ କରାଯାଇଥିଲା। ମଞ୍ଚରେ ବ୍ଲକର ସମିତି ସଭ୍ୟ ଓ ସରପଞ୍ଚମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଶିବାନନ୍ଦ ଏବଂ ସବନା ମଞ୍ଚ ସଞ୍ଚାଳନ କରିଥିଲ।

## ଶୀତ ମହୋତ୍ସବରେ ଖାଦ୍ୟର ମାନ ଯାଞ୍ଚ

ଦାରିଙ୍ଗବାଡ଼ି: ଦାରିଙ୍ଗବାଡ଼ି ଶୀତ ମହୋତ୍ସବରେ ହଜାର ହଜାର ଲୋକଙ୍କ ସମାଗମ ହେଉଥିବାବେଳେ ବିଭିନ୍ନ ଖାଦ୍ୟଷ୍ଟଲ୍ ପଡ଼ିଛି। ଲୋକେ ବି ଏହି ସବୁ ଷ୍ଟଲ୍‌ରେ ଭିଡ଼ ଜମାଇ ବିଭିନ୍ନ ଖାଦ୍ୟର ମଜା ନେଉଛନ୍ତି। ହେଲେ ସେମାନେ ଖାଉଥିବା ଖାଦ୍ୟ କେତେ ଉତ୍କୃଷ୍ଟ ତାହାର ମାନ ଯାଞ୍ଚ କରିଛି ଖାଦ୍ୟ ସୁରକ୍ଷା ବିଭାଗ। ଫୁଲବାଣୀ ଖାଦ୍ୟ ସୁରକ୍ଷା ଅଧିକାରୀ ସତ୍ୟବ୍ରତ ଷେଣ୍ଢଙ୍କ ସମେତ ଅନ୍ୟ ଅଧିକାରୀମାନେ ଦାରିଙ୍ଗବାଡ଼ିରେ ପହଞ୍ଚି ବିଭିନ୍ନ ଖାଦ୍ୟ ଷ୍ଟଲରେ ଚଢ଼ଉ କରିଥିଲେ। ରଙ୍ଗମିଶା ଓ ବାସୀ ଖାଦ୍ୟ ଫୋପାଡ଼ି ଦେବାସହ ଦୋକାନୀଙ୍କୁ ଭଲ ଖାଦ୍ୟ ଦେବାକୁ ତାଗିଦ୍ କରିଥିଲେ। ଏପରିକି ଅନେକ ଷ୍ଟଲରେ ବାରମ୍ବାର ଛଣା ହୋଇଥିବା ପୋଡ଼ା ଓ କଳା ତେଲକୁ ପରିବର୍ତ୍ତନ କରିବାକୁ ଦୋକାନୀଙ୍କୁ ତାଗିଦ୍ କରିଥିଲେ। ଗୋଟିଏ ଷ୍ଟଲ୍‌ରେ ପନିର ଉପରେ ସନ୍ଦେହ ହେବାରୁ ତାହାର ନମୂନା ଯାଞ୍ଚ କରିବାକୁ ନେଇଥିଲେ।



● ଚାକିରି ଦେବାକୁ କହି ତାଲିମ

## ତଦନ୍ତ ପାଇଁ ଯାଇଥିବା ପୁଲିସକୁ ସଂସ୍ଥା କର୍ମଚାରୀଙ୍କ ଧସ୍ତାଧସ୍ତି

ପାରଳାଖେମୁଣ୍ଡି,୧୦।୧(ସମିସ): ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ଥାନା ଅନ୍ତର୍ଗତ ରାଣୀପେଣ୍ଠା ଗ୍ରାମ ନିକଟରେ ଗୋଟିଏ ଆବାସିକ ଘରେ କୌଣସି ଏକ ସଂଗଠନ ତରଫରୁ ଚାକିରି ଦେବା ନାମରେ ତାଲିମ ଦିଆଯାଉଥିବା ଖବର ପାଇ ପାରଳାଖେମୁଣ୍ଡି ପୁଲିସ ତଦନ୍ତ ପାଇଁ ଯାଇଥିବା ବେଳେ ସେଠାରେ ସମ୍ପୃକ୍ତ ସଂସ୍ଥାର କିଛି ବ୍ୟକ୍ତିଙ୍କ ସହ ଧସ୍ତାଧସ୍ତି ଘଟଣା ଜିଲ୍ଲାରେ ଏବେ ଆଲୋଡ଼ନ ସୃଷ୍ଟି କରିଛି। ଯାହାକୁ ନେଇ ପାରଳାଖେମୁଣ୍ଡି ଥାନାରେ ଏକ ମାମଲା ରୁଜୁ ହୋଇଛି।

ପ୍ରକାଶ ଯେ, ବ୍ରେଭ ବ୍ରୁମ୍ ନାମକ ସଂସ୍ଥା ତରଫରୁ ଜଳବାୟୁ ସୁରକ୍ଷା ପରିଷଦ ଆରୋଗ୍ୟ ମିତ୍ର ପ୍ରଶିକ୍ଷଣ ଶିବିର ନାମରେ କିଛି ଆଦିବାସୀ ଛାତ୍ରଛାତ୍ରୀଙ୍କୁ ତାଲିମ ଦିଆଯାଇଥିଲା। ୨ ଦିନ ଧରି ଚାଲିଥିବା ଏହି ତାଲିମକୁ ନେଇ ବିଭିନ୍ନ ଅଭିଯୋଗ ପରେ ପୁଲିସ ଯାଇ ପହଞ୍ଚିଥିଲା। କୌଣସି ସରକରୀ ଅନୁମତିପତ୍ର ନଥିବାବେଳେ ସମ୍ପୃକ୍ତ ସଂସ୍ଥା ତରଫରୁ ଆବଶ୍ୟକୀୟ କୌଣସି ଦସ୍ତାବିଜ ଉପସ୍ଥାପନ କରାଯାଇପାରିନଥିଲା। ଫଳରେ ତଦନ୍ତ ପାଇଁ ଯାଇଥିବା ପୁଲିସ ଅଧିକାରୀ ପ୍ରଫୁଲ୍ଲ ଜାଗାରଙ୍ଗାଙ୍କୁ ସଂସ୍ଥାର କର୍ମଚାରୀ ଧସ୍ତାଧସ୍ତିର କରିଥିଲେ। ଯାହାକୁ ନେଇ ଥାନାରେ ମାମଲା ରୁଜୁ କରି ଦୁଇ ଜଣଙ୍କୁ ଗିରଫ କରିଛି ପୁଲିସ। ଗିରଫ ଅଭିଯୁକ୍ତ ମାନେ ହେଲେ ମଜେସ ଜେନା ଓ ଦୀପକ କରାଡ। ପୁଲିସ ଏମାନଙ୍କୁ ଗିରଫ କରି ଘଟଣାର ତଦନ୍ତ କରିବା ସହ କୋର୍ଟ ଚାଲାଣ କରିଛି।

## ଶୀତରୁ ରକ୍ଷା ପାଇଁ ଜାଳିଥିଲେ ନିଆଁ; ଜଳିଗଲା ଘର



ଦାରିଙ୍ଗବାଡ଼ି,୧୦।୧(ସମିସ): ଶୀତରୁ ରକ୍ଷା ପାଇଁ ଜାଳିଥିଲେ ନିଆଁ; ଜଳିଗଲା ଘର। ଦାରିଙ୍ଗବାଡ଼ି ବ୍ଲକ ଶ୍ରାନିକେତା ପଞ୍ଚାୟତ ସୁଗାନକେତା ଗ୍ରାମରେ ଘଟିଛି ଏପରି ଅଘଟଣ। ଦାରିଙ୍ଗବାଡ଼ିରେ ହାଡ଼ଭଙ୍ଗା ଶୀତ ହେଉଥିବାରୁ ଗ୍ରାମର ରଞ୍ଜନ ପ୍ରଧାନ ଶୀତ ଦାଉରୁ ରକ୍ଷା ପାଇବାକୁ ଘର ଭିତରେ ପ୍ରତିଦିନ ଭଳି ନିଆଁ ଜାଳି ଘରେ ଶୋଇଥିଲେ। ଏଥିରୁ ନିଆଁ ବ୍ୟାପି ଘର ଛପରକୁ ଲାଗିଯାଇଥିଲା। ଅନ୍ୟ ଏକ କୋଠରୀରେ ଏକାକୀ ଶୋଇଥିବା ରଞ୍ଜନ ନିଆଁ ଜଳିବା ଜାଣି ଡାକ ପକାଇବା ସହ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। ହେଲେ ସଫଳ ହୋଇନଥିଲେ। ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିବାବେଳେ ଦମକଳ ଗାଡ଼ି ପହଞ୍ଚିବା ବେଳକୁ ଘର ସମ୍ପୂର୍ଣ୍ଣ ଜଳିଯାଇଥିଲା। ରଞ୍ଜନ ମକା ଚାଷରୁ ବିକ୍ରିବଟା କରି ରଖିଥିବା ୫୦ ହଜାରରୁ ଅଧିକ ଟଙ୍କା, ଘରର ଆସବାବପତ୍ର, ଆବଶ୍ୟକ ନଥିପତ୍ର ସହିତ ଧାନଚାଉଳ ଅନ୍ୟାନ୍ୟ ସାମଗ୍ରୀ ସମ୍ପୂର୍ଣ୍ଣ ପୋଡ଼ି ପାଉଁଶ ହୋଇଯାଇଛି। ରଞ୍ଜନ ବେସାହାରା ହୋଇପଡ଼ିଥିବାବେଳେ ତାଙ୍କୁ ସରକାରୀ ସହାୟତା ସହ ଆବାସ ଯୋଜନାରେ ତୁରନ୍ତ ଘର ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଦାରିଙ୍ଗବାଡ଼ି ସମିତି ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ ପହଞ୍ଚି କ୍ଷତିଗ୍ରସ୍ତ ରଞ୍ଜନଙ୍କୁ ସାନ୍ତ୍ୱନା ଦେବା ସହିତ ବିଭାଗୀୟ ଅଧିକାରୀଙ୍କୁ ଜଣାଇ ସମସ୍ତ ସରକାରୀ ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି।

**୫୦ହଜାର ଟଙ୍କା ସହ ଆସବାପପତ୍ର ପାଉଁଶ**

## ଗ୍ରାମାଞ୍ଚଳ ଫୁଟବଲ୍ ପ୍ରତିଯୋଗିତା: ପ୍ରିଏଡି ଚାମ୍ପିଅନ୍

ଫିରିଙ୍ଗିଆ, ୧୦।୧(ସମିସ): ଫିରିଙ୍ଗିଆ ବ୍ଲକ ସୁବେରପଙ୍ଗା ଖେଳ ପଡ଼ିଆରେ ଏସ୍‌କେ କ୍ଲବ ଦ୍ୱାରା ଆୟୋଜିତ ଚତୁର୍ଥ ବାର୍ଷିକ ଗ୍ରାମାଞ୍ଚଳ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ୭ ଦିନ ଧରି ଚାଲିଥିବା ଏହି ଗ୍ରାମାଞ୍ଚଳ କ୍ରୀଡ଼ା ପ୍ରତିଯୋଗିତାରେ ଫିରିଙ୍ଗିଆ ବ୍ଲକର ୧୬ ଫୁଟବଲ୍ କ୍ଲବ ଅଂଶଗ୍ରହଣ କରିଥିଲେ। ଫିରିଙ୍ଗିଆ ବ୍ଲକର ପ୍ରିଏଡ଼ି କ୍ଲବ ଏବଂ କାଲାଡ଼ି କ୍ଲବ ମଧ୍ୟରେ ଫାଇନାଲ୍ ମ୍ୟାଚ ହୋଇଥିଲା। ମ୍ୟାଚ ଶେଷ ସୁଦ୍ଧା କେହି କାହାରିକୁ ଗୋଲ ଦେଇ ପାରିନଥିବା ବେଳେ ପେନାଲିଟି ଜରିଆରେ ପ୍ରିଏଡ଼ି କ୍ଲବ ୩-୨ ଗୋଲରେ କାଲାଡ଼ି କ୍ଲବକୁ ହରାଇ ଚାମ୍ପିଅନ୍ ହୋଇଥିଲା। ଉଦ୍‌ଯାପନୀ ଅବସରରେ ମୁଖ୍ୟଅତିଥି ଭାବରେ କ୍ରାନ୍ତିବାଲି ସରପଞ୍ଚ ଲକ୍ଷ୍ମୀ କହଁର ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ବିଜେପି ଯୁବମୋର୍ଚ୍ଚା ସଭାପତି ବାବୁଲା କହଁର, ଯୁବ ବିଜେଡ଼ି ନେତା ବିଷ୍ଣୁ ମଲିକଙ୍କ ସହ ଅନ୍ୟ ଅତିଥି ଯୋଗ ଦେଇଥିଲେ। ଫାଇନାଲ୍ ମ୍ୟାଚକୁ ମୁକେଶ ପ୍ରଧାନ, ବାଲ୍ମୀକି କହଁର ଏବଂ ସୁମନ୍ତ ଦିଗାଲ ପରିଚାଳନା କରିଥିଲେ। ଉପସ୍ଥିତ ଅତିଥିମାନଙ୍କ ଦ୍ୱାରା ବିଜେତା ଓ ଉପବିଜେତା କ୍ଲବକୁ ଟ୍ରଫି ଓ ଆର୍ଥିକ ରାଶି ପ୍ରଦାନ କରାଯାଇଥିଲା। ଏସକେ କ୍ଲବର ସଭାପତି ଦିନେଶ କହଁର, ସମ୍ପାଦକ ମନୋଜ କହଁର, ଗମାଙ୍ଗ କହଁର, ଶ୍ରବଣ ରଣା, ବାଲ୍ମୀକି କହଁର, ପିଣ୍ଟୁ କହଁରଙ୍କ ସହ କ୍ଲବର ସମସ୍ତ ସଦସ୍ୟ ଏବଂ ଗ୍ରାମବାସୀ ସହଯୋଗ କରିଥିଲେ।



## ରାଜ୍ୟ କବାଡ଼ି ଦଳରେ ଛାତ୍ରୀ ପ୍ରତ୍ୟୁଷା



ଚକାପାଦ,୧୦।୧(ସମିସ): ଚକାପାଦ ବ୍ଲକ ଲାଇନପଡ଼ା ପିଏମ୍‌ଶ୍ରୀ ବରଡ଼ା ବାଲୁଙ୍କେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ଅଷ୍ଟମ ଶ୍ରେଣୀ ଛାତ୍ରୀ ପ୍ରତ୍ୟୁଷା କହଁର ଜାତୀୟସ୍ତରର କବାଡ଼ି ନିମନ୍ତେ ରାଜ୍ୟ ଦଳରେ ସାମିଲ ହୋଇଛନ୍ତି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୋମନାଥ ସାହାଣୀଙ୍କ ଅଧ୍ୟକ୍ଷତାରେ ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ, ଛାତ୍ରୀଙ୍କ ପିତାମାତା, ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଅଶ୍ୱିନୀ କୁମାର ପ୍ରଧାନ, ପଞ୍ଚସଖା ଶିକ୍ଷାସେତୁ ସଭାପତି ରାଜେନ୍ଦ୍ରନାରାୟଣ ବେହେରା ଏବଂ ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀଙ୍କ ଗହଣରେ ପ୍ରତ୍ୟୁଷାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜାତୀୟ ପ୍ରତିଯୋଗିତା ଆସନ୍ତା୧୯ରୁ ୨୩ ପର୍ଯ୍ୟନ୍ତ ଆନ୍ଧ୍ରପ୍ରଦେଶର ଗୁଣ୍ଟୁର୍‌ବାଡ଼ାରେ ଅନୁଷ୍ଠିତ ହେବ। ସମ୍ବର୍ଦ୍ଧନା ସମାରୋହକୁ ହିନ୍ଦୀ ଶିକ୍ଷକ ଲକ୍ଷ୍ମୀନାରାୟଣ ପୁରୋହିତ ପରିଚାଳନା କରିଥିଲେ ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହି ତାଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ।

● ଗଜପତି ଜିଲ୍ଲାରେ ବାଲି ମାଫିଆଙ୍କ ଗୁଣ୍ଡାଗିରି

## ଶାସକ ଦଳର ନେତା କହି ଖଣି ଅଧିକାରୀଙ୍କୁ ଧମକାଇଲେ

ପାରଳାଖେମୁଣ୍ଡି,୧୦।୧(ସମିସ): ଗଜପତି ଜିଲ୍ଲାରେ ବେଆଇନ ବାଲି ପରିବହନ ବେଳେ ଖଣି ବିଭାଗ ଅଧିକାରୀ ଧରିବାରୁ ଶାସକ ଦଳର ନେତା କହି ଧମକାଇବା ଭଳି ଏକ ଘଟଣା ଘଟିଛି ଶୁକ୍ରବାର। ଗତକାଲି ଅର୍ଥାତ୍ ୯ ତାରିଖରେ ଓଡ଼ିଶା ଖଣି ବିଭାଗର ଜିଲ୍ଲା ମାଇନିଂ ଅଫିସର ଓ ଜୁନିୟର ମାଇନିଂ ଅଫିସର ଆନ୍ଧ୍ରପ୍ରଦେଶରୁ ଓଡ଼ିଶାକୁ ବେଆଇନ ଭାବେ ଆଣାଯାଉଥିବା ବାଲି ସହ ଦୁଇଟି ଟିପ୍ପରକୁ ଜବତ କରିବା ପରେ ୨ଜଣ ବାଲି ମାଫିଆ ତାଙ୍କ କାର୍ଯ୍ୟାଳୟରେ ପହଞ୍ଚି ଧମକ ଦେଇଥିବା ଘଟଣା ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଛି।

ଖବର ନେବାରୁ ଜଣାପଡିଛି ଯେ, ଗତ ୯ ତାରିଖ ଦିନ ସ୍ଥାନୀୟ ସଚେତନ ନାଗରିକଙ୍କ ସହଯୋଗରେ ଏହି ବେଆଇନ ବାଲି ପରିବହନକୁ ଧରାଯାଇଥିଲା। ଟ୍ରକ୍ ଜବତ ପରେ ଅଭିଯୁକ୍ତ ଶାସନ ଦଳର ନେତା ଓ ତାଙ୍କ ସହଯୋଗୀମାନେ ମାଇନିଂ କାର୍ଯ୍ୟାଳୟକୁ ଯାଇ ଜୁନିୟର ମାଇନିଂ ଅଫିସରଙ୍କୁ ଗାଳିଗୁଲଜ ସହ ଟ୍ରକ ଚଢ଼ାଇ ମାରିଦେବାକୁ ଧମକ ଦେଇଥିବା ଅଭିଯୋଗ ହୋଇଛି। ଏହି ଲୋକମାନେ ନିଜକୁ ଶାସକ ଦଳର ନେତା କହି ଅଧିକାରୀମାନଙ୍କୁ ଭୟଭୀତ କରିଥିଲେ। ତେବେ ଖଣି ଅଧିକାରୀ ଶ୍ରୀ ପରିଡ଼ା ତାଙ୍କ କଥାକୁ ଗୁରୁତ୍ୱ ନ ଦେଇ ମାମଲା ଥାନାକୁ ପଠାଇଦେବି ବୋଲି କହିବା ପରେ ସେମାନେ ଆନ୍ଧ୍ରରୁ ଲିଜ୍‌ରେ ଆଣିଥିବା ଦୁଇଟି ଗାଡ଼ିରୁ ଗୋଟିଏ ଗାଡ଼ି ଉପରେ ପଡ଼ିଥିବା ଜରିମାନା ବାନ୍ଧିଥିଲେ। ଅନ୍ୟ ଗାଡ଼ିଟି ଖଣି ବିଭାଗ ଅଫିସରେ ପଡ଼ିରହିଛି। ଏହି ବାଲି ମାଫିଆ ଜଣକ ପୂର୍ବରୁ ମଧ୍ୟ ଅନେକ ଥର ବେଆଇନ ବାଲି ପରିବହନବେଳେ ଧରାପଡ଼ି ୧୫ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଜରିମାନା ଦେଇଥିବା ଜିଲ୍ଲା ଖଣି ଅଧିକାରୀ ଦୀପେନ ପରିଡ଼ା କହିଛନ୍ତି। ସେ ଅନ୍ୟମାନଙ୍କ ନାମରେ ଟିପ୍ପର ଓ ଟ୍ରକ ଲିଜ୍ ନେଇ ଏହି କାରବାର ଚଳାଉଥିବା ଜଣାପଡିଛି। ଏହି ଘଟଣା ପରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

## ସ୍ୱର୍ଣ୍ଣ ଧନୁଷ ବହନ ରଥକୁ ସମ୍ବର୍ଦ୍ଧନା



ପାରଳାଖେମୁଣ୍ଡି,୧୦।୧(ସମିସ): ଅଯୋଧ୍ୟା ଅଭିମୁଖେ ରାଉରକେଲାରୁ ବାହାରିଥିବା ଅଷ୍ଟ ଧାତୁରେ ନିର୍ମିତ ୨୫୦ କିଲୋ ଓଜନର ସ୍ୱର୍ଣ୍ଣ ଧନୁଷ ରଥ ଆଜି ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସହରରେ ପହଞ୍ଚିବା ପରେ ଲୋକେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ରଥ ପ୍ରଥମେ ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ପହଞ୍ଚିଥିଲା। ଏହାକୁ ଦେଖିବାକୁ ଶହଶହ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ପରେ ବନ୍ଦାପନା ଓ ଆଳତି କରିବା ସହ ଭଜନ କୀର୍ତ୍ତନ କରି ରଥକୁ ସହର ପରିକ୍ରମା କରାଇଥିଲେ। ଏଥିରେ ସ୍ଥାନୀୟ ଲୋକଙ୍କ ସମେତ ବିଜେପି ନେତା, ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର କର୍ମକର୍ତ୍ତାଙ୍କ ସମେତ ସହରର ବହୁ ବୁଦ୍ଧିଜୀବୀ ସାମିଲ ହୋଇଥିଲେ।

ବିଧାୟକଙ୍କ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିଦର୍ଶନ

# ଅମ୍ଳଜାନ ଅଭାବ ଓ ଚିକିତ୍ସାଳୟର ଅବ୍ୟବସ୍ଥା ଦେଖି କ୍ଷୁବ୍ଧ



ପାରଳାଖେମୁଣ୍ଡି,୧୦।୧(ସମିସ): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡିଠାରେ ଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଶନିବାର ସନ୍ଧ୍ୟାରେ ବିଧାୟକ ଇଂ.ରୂପେଶ କୁମାର ପାଣିଗ୍ରାହୀ ପରିଦର୍ଶନରେ ଯାଇଥିବାବେଳେ ଅମ୍ଳଜାନ ଅଭାବ ସହ ବ୍ୟାପକ ଅବ୍ୟବସ୍ଥା ଦେଖି କ୍ଷୁବ୍ଧ ହୋଇଛନ୍ତି। ସମସ୍ତ ବିଭାଗ ବୁଲି ଦେଖିବା ସହ ରୋଗୀଙ୍କ ସହ ଆଲୋଚନା କରିଥିଲେ। ଚିକିତ୍ସାଳୟରେ ଷ୍ଟାଫ୍ ନର୍ସଙ୍କ ଠାରୁ ଆରମ୍ଭ କରି ଡାକ୍ତରଙ୍କ ଅଭାବ କେତେକ ଆନୁଷଙ୍ଗିକ ବ୍ୟବସ୍ଥା ନଥିବା ଦେଖିଥିଲେ। ବିଶେଷ ଅମ୍ଳଜାନ ପ୍ଲାଣ୍ଟ ବର୍ଷେ ହେଲା ଅଚଳ ଅବସ୍ଥାରେ ଥିବା ଶୁଣି ଓ ଦେଖି କ୍ଷୁବ୍ଧ ହୋଇଥିଲେ। ଗତ ରାଜ୍ୟ ସରକାର କୋଭିଡ୍ ମହାମାରୀ ସମୟରେ ଅମ୍ଳଜାନ ପ୍ଲାଣ୍ଟ ସ୍ଥାପନ କରିଥିଲେ। ଯାହା ୨ବର୍ଷ ସୁରୁଖୁରୁରେ ଚାଲିଥିଲା। ଏବେ ୨ ସିଲିଣ୍ଡର ମାଧ୍ୟମରେ ସେହି ପୁରୁଣା ଢଙ୍ଗରେ ରୋଗୀଙ୍କୁ ଅମ୍ଳଜାନ ଦିଆଯାଉଛି।

ଚୁକ୍ତି ଭିତ୍ତିରେ ଯେଉଁ ଏଜେନ୍ସିକୁ ସିଲିଣ୍ଡର ଯୋଗାଇବାକୁ ଦିଆଯାଇଛି ଚୁକ୍ତି ସରିଯାଇଥିବାରୁ ସେ ଆଉ ଏହି ଦୁଇଟି ସିଲିଣ୍ଡରରେ ଅମ୍ଳଜାନ ଭରୁନଥିବାର ବିଧାୟକ ଜାଣିବାକୁ ପାଇଥିଲେ। ରାଜ୍ୟ ସରକାର ବିଧାନସଭାରେ ସ୍ୱାସ୍ଥ୍ୟସେବାରେ ଉନ୍ନତି ନେଇ ଡିଣ୍ଡିମ ପିଟୁଥିବାବେଳେ ଏହି ମେଡିକାଲ ଦେଖିଲେ ତାହାର ନମୁନା ଜଣାପଡ଼ିବ ବୋଲି ବିଧାୟକ କହିଛନ୍ତି। ତୁରନ୍ତ ଅମ୍ଳଜାନ ଅଭାବକୁ ଦୂର କରିବାକୁ ପଦକ୍ଷେପ ନେବାକୁ ସେ ଦାବି କରିଛନ୍ତି। ଏନେଇ ଅକ୍ସିଜେନ୍ ପ୍ଲାଣ୍ଟରେ ନିୟୋଜିତ ହୋଇଥିବା ପ୍ଲାଣ୍ଟ ଅପରେଟର ପ୍ରସନ୍ନ କୁମାର ଦୋରା କହିଛନ୍ତି ଯେ, ଜିଲ୍ଲା ମୁଖ୍ୟଚିକିତ୍ସାଳୟର ନୂତନ ବିଲ୍ଡିଂରେ ଅକ୍ସିଜେନ୍ ପଏଣ୍ଟ ଓ ଅକ୍ସିଜେନ ବ୍ୟବସ୍ଥା ଠିକ୍ ରହିଛି।

ତେବେ ପୁରୁଣା ବିଲ୍ଡିଂରେ ଅକ୍ସିଜେନ ପଏଣ୍ଟ ଗୁଡିକର ରକ୍ଷଣାବେକ୍ଷଣ ଜରୁରୀ ଏବଂ ସେଠାରେ ଅକ୍ସିଜେନର ଅଭାବ ରହିଛି। ବର୍ଷେ ହେଲା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଲିଖିତ ଭାବେ ଜଣାଇ ଆସୁଥିଲେ ମଧ୍ୟ ଏହି ସମସ୍ୟାର ସମାଧାନ ହୋଇପାରୁନଥିବାର ପ୍ରକାଶ କରିଛନ୍ତି।

# ୮.୫ ଲକ୍ଷ ଟଙ୍କା ଓ ଅଳଙ୍କାର ଜବତ; ୩ ଚୋର ଗିରଫ



**କୁକୁଡ଼ାଖଣ୍ଡି,୧୦ ।୧(ସମିସ):** ପ୍ରହ୍ଲାଦ ନଗର ଦ୍ୱିତୀୟ ଲାଇନ ବାସିନ୍ଦା ରାଜେଶ କୁମାର ପଣ୍ଡା ଚୋରି ହୋଇଥିବା ନେଇ ନିମଖଣ୍ଡି ଥାନାରେ ଅଭିଯୋଗ କରିଥିଲେ । ଏନେଇ ନିମାଖଣ୍ଡି ଥାନାରେ ମାମଲା ରୁଜୁ କରି ପୁଲିସ ତଦନ୍ତ ଆରମ୍ଭ କରିଥିଲା । ଚୋରି ଯାଇଥିବା ୮ ଲକ୍ଷ ୫୦ ହଜାର ଟଙ୍କା, ୧୮୨.୧୬ ଗ୍ରାମ ସୁନା ଓ ୨୯୬ ଗ୍ରାମ ରୁପା ଅଳଙ୍କାର ଉଦ୍ଧାର କରିବା ସହ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ପୁଲିସ । ସେମାନେ ହେଲେ ଚିଣ୍ଟୁ ସେଠୀ (୨୮), ଗେଟ୍ ବଜାର, ଲକ୍ଷ୍ମୀ ନଗର, ଦୀପକ କୁମାର ପଟ୍ଟନାୟକ(୩୩), ଲକ୍ଷ୍ମୀ ବିହାର, ପ୍ରଥମ ଲେନ, ଆକାଶ କୁମାର ବେହେରା (୩୨), ଚନ୍ଦ୍ରମାପେଟା ସାହି । ଏମାନଙ୍କ ଠାରୁ ନଗଦ ଟଙ୍କା ସହ ସ୍କୁଟି, ଚୋରି ଅଳଙ୍କାର, ଗୋଟିଏ କଳା ବ୍ୟାଗ, ଗୋଟିଏ କଟର ଓ ଗୋଟିଏ ଲୁହା ରଡ୍ ଜବତ ହୋଇଛି । ତଦନ୍ତ ସମୟରେ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳକୁ ଯାଇ ଯାଞ୍ଚ କରିଥିଲେ ଏବଂ ଘର ଓ ଆଖପାଖ ଅଞ୍ଚଳର ସିସିଟିଭି ଫୁଟେଜ ଯାଞ୍ଚ କରାଯାଇଥିଲା । ଫୁଟେଜରୁ ଜଣାପଡ଼ିଥିଲା ଯେ ସୀମାଞ୍ଚଳ ପାତ୍ରଙ୍କ ଘର (କୋଣାର୍କ ନଗର, ଦ୍ୱିତୀୟ ଲେନ, ଲୋଚା ପଡା) ତାଲା ଭାଙ୍ଗି ଦୁଇ ଜଣ ଚୋରି କରିଥିଲେ । ଏହାକୁ ଭିତ୍ତି କରି ସନ୍ଧାନ ସମୟରେ କୌଣସି ସୂତ୍ରରୁ ଖବର ପାଇ ପ୍ରଥମେ ଚିଣ୍ଟୁ ସେଠୀକୁ ଗିରଫ କରାଯାଇଥିଲା । ପଚରାଉଚରା ସମୟରେ ସେ ଚୋରି କରିଥିବା ସ୍ୱୀକାର କରି ଆକାଶ ଓ ଦୀପକ ସହଯୋଗୀ ବୋଲି କହିଥିଲା । ପରେ ଉଭୟଙ୍କୁ ଗିରଫ କରାଯାଇଥିଲା । ଅଭିଯୁକ୍ତଙ୍କୁ ଶନିବାର କୋର୍ଟ ଚାଲାଣ କରାଯାଇଛି ।

## କଳିଙ୍ଗ ମହାବିଦ୍ୟାଳୟରେ ନିଶା ନିବାରଣ ସଚେତନତା

**ଜି.ଉଦୟଗିରି,୧୦।୧(ସମିସ):** ଜି.ଉଦୟଗିରି କଳିଙ୍ଗ ମହାବିଦ୍ୟାଳୟରେ ତହସିଲ୍ ଆଇନ ସେବା ସମିତି ସୌଜନ୍ୟରୁ ନିଶା ନିବାରଣ ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟକ୍ଷ ପ୍ରଫେସର ପ୍ରସନ୍ନ କୁମାର ନାୟକ ସଭାପତିତ୍ୱ କରିଥିବା ବେଳେ ଜି.ଉଦୟଗିରିର ବିଶେଷ ଲୋକ ଅଭିଯୋଜକ ବିଜୟ କୁମାର ପଟ୍ଟନାୟକ ଛାତ୍ରଛାତ୍ରୀଙ୍କୁ ନିଶାସେବନର କୁପରିଣାମ ବିଷୟରେ ସଚେତନ କରାଇଥିଲେ । ବରିଷ୍ଠ ଓକିଲ କମଳ କୁମାର ରାୟ, ସ୍ୱାତୀ ସଂଗଠନର ପ୍ରକଳ୍ପ ସଂଯୋଜକ ଗିରିଶ ଚନ୍ଦ୍ର ସାମଲ ଏବଂ ବରିଷ୍ଠ ସାମ୍ବାଦିକ ରାମଚନ୍ଦ୍ର ଚୌଧୁରୀ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିଲେ । ଯୁବ ରେଡ଼କ୍ରସର କାଉନସିଲର ଅଧ୍ୟାପକ ତପନ ଚନ୍ଦ୍ର ନାୟକ, ଦେୱାନୀ ଅଦାଲତର ପ୍ରଶାସନିକ ଅଧିକାରୀ ସୁସ୍ମିତା ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ତହସିଲ୍ ଆଇନ ସେବା ସମିତିର କର୍ମକର୍ତ୍ତା କୃତାଞ୍ଜଳି ନାୟକ, ଉଷାରାଣୀ ଦିଗାଲ, ଅମିତ୍ କୁମାର ଭୋଇ ଏଥିରେ ସହଯୋଗ କରିଥିଲେ । ମହାବିଦ୍ୟାଳୟର ଅନେକ ଛାତ୍ରଛାତ୍ରୀ ସାମୂହିକ ଶପଥ ପାଠ କରିଥିଲେ । ଶେଷରେ ଅଧ୍ୟାପକ ନିରଞ୍ଜନ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ ।



## ଜାତୀୟ ସେବା ଯୋଜନା ଅଧିକାରୀଙ୍କ ଭଞ୍ଜନଗର ଗସ୍ତ

**ଭଞ୍ଜନଗର,୧୦ ।୧(ସମିସ):** ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ବ୍ୟୁରୋ ଅଧିକାରୀ ଡ. ଜୟନ୍ତ କୁମାର ପଣ୍ଡା ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଶାଖା ପରିଦର୍ଶନ କରିଥିଲେ । ଡ. ପଣ୍ଡା ଗତ ସେପ୍ଟେମ୍ବର ମାସରେ ସ୍ୱତନ୍ତ୍ର ଚାରାରୋପଣ କ୍ୟାମ୍ପରେ ଲାଗିଥିବା ଚାରା ଗୁଡ଼ିକର ବର୍ତ୍ତମାନ ସ୍ଥିତି କିଭଳି ଅଛି ଦେଖିଥିଲେ । ଏହି ସମୟରେ ସେ ଉପସ୍ଥିତ ଛାତ୍ରୀଛାତ୍ରୀଙ୍କୁ ଭବିଷ୍ୟତ କିଭଳି ଗଠନ କରିବେ ଏନଏସଏସ ସ୍ୱେଚ୍ଛାସେବୀଙ୍କ ଭୂମିକା ଓ କର୍ତ୍ତବ୍ୟ ଉପରେ ବୁଝାଇଥିଲେ । ହାପରେ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ଦାସ, ଗଞ୍ଜାମ ଜିଲ୍ଲା ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ଅଧିକାରୀ ଗଣେଶ ସାହୁ, ଏନଏସଏସ କର୍ମଚାରୀ ଚିରଞ୍ଜିବି ବାଡତ୍ୟା, କଲେଜ ଜାତୀୟ ସେବା ଯୋଜନା ଶାଖାନଂ-୧ ଅଧିକାରୀ ବାବୁଲା ପ୍ରଧାନ, ଶାଖା ୨ ଅଧିକାରୀ ସସ୍ମିତା କୁମାରୀ ଦାସଙ୍କୁ ନେଇ ଏକ ବୈଠକ ହୋଇଥିଲା ।

## ମୃତକଙ୍କ ପରିବାରକୁ ସହାୟତା

**ପୋଲସରା,୧୦ ।୧(ସମିସ):** ପୋଲସରା ବ୍ଲକ ଅନ୍ତର୍ଗତ ବେଲଗାଁର ରବୀନ୍ଦ୍ର ସାହୁ (୫୬) ଆନ୍ଧ୍ରପ୍ରଦେଶରେ କାମ କରିବାକୁ ଯାଇ ମୃତ୍ୟୁବରଣ କରିଛନ୍ତି । ତାଙ୍କ ପରିବାର କହିଲେ ସ୍ୱାମୀ, ସ୍ତ୍ରୀ ଏବଂ ୫ ଜଣ ଝିଅ । ଝିଅ ମାନଙ୍କୁ ଶାଶୁ ଘର ପଠାଇବାବେଳେ ବାପା ଚାଲିଗଲେ ଆରପରିକୁ । ଘରର ମୁଖିଆ ଚାଲିଗଲା ପରେ ଭାଙ୍ଗି ପଡିଛନ୍ତି ପରିବାର ଲୋକେ । ଏଭଳି ଦୁଃଖଦ ଖବର ପାଇ 'ଗରିବର ବନ୍ଧୁ' ଟ୍ରଷ୍ଟ ପକ୍ଷରୁ ତାଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହିତ ସହାୟତା ପ୍ରଦାନ କରିଛନ୍ତି । ସରକାର ତୁରନ୍ତ ମୃତକଙ୍କ ପରିବାରକୁ ସହାୟତା ଯୋଗାଇବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି ।

## ଡିଏଭି ମାଧ୍ୟମିକ ପ୍ରଶିକ୍ଷଣ ବିଦ୍ୟାଳୟରେ ବିଜ୍ଞାନ ଶିବିର

**ଜି.ଉଦୟଗିରି,୧୦ ।୧(ସମିସ):** ଜି.ଉଦୟଗିରି ବ୍ଲକ କଳିଙ୍ଗାରେ ଥିବା ଡିଏଭି ମାଧ୍ୟମିକ ପ୍ରଶିକ୍ଷଣ ବିଦ୍ୟାଳୟ ପରିସରରେ ଏକ ବିଜ୍ଞାନ ପ୍ରଦର୍ଶନୀ ଆଧାରିତ ୩ ଦିନିଆ ଶିକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ସାଧନ କର୍ମୀ ଭାବେ ଜି .ଉଦୟଗିରିର ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଓ ଅବସରପ୍ରାପ୍ତ ଶିକ୍ଷକ ବଳରାମ ସାହୁ ଯୋଗଦେଇ ୧୦୦ରୁ ଅଧିକ ବିଜ୍ଞାନ ସମ୍ବନ୍ଧୀୟ ପରୀକ୍ଷା ପ୍ରଦର୍ଶନ କରିଥିଲେ । ବିଦ୍ୟାଳୟର ପ୍ରଥମ ଓ ଦ୍ୱିତୀୟ ବର୍ଷର ପୁରାତନ ଛାତ୍ରଛାତ୍ରୀ ଏହି କର୍ମଶାଳାରେ ଯୋଗଦେଇ, ପ୍ରାଥମିକ ସ୍ତରରେ ଛାତ୍ରଛାତ୍ରୀଙ୍କୁ ବିଜ୍ଞାନ ଶିକ୍ଷା କିପରି ଆନନ୍ଦମୟ ଓ ଆକର୍ଷଣୀୟ କରାଯାଇପାରିବ, ସେଥିପାଇଁ ବିଭିନ୍ନ କୌଶଳ ଅର୍ଜନ କରିଥିଲେ । ଶିବିରକୁ ଶିକ୍ଷୟିତ୍ରୀ ସ୍ନେହଲତା ସାହୁ ପରିଚାଳନା କରିଥିଲେ । ଶିବିରର ଅନ୍ତିମ ଦିବସରେ ପ୍ରଶିକ୍ଷଣ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବସନ୍ତ କୁମାର ସାହୁ ବିଜ୍ଞାନ ଶିକ୍ଷକ ବଳରାମ ସାହୁଙ୍କ ଆଗ୍ରହ, ନିଷ୍ଠା ଓ କାର୍ଯ୍ୟଦକ୍ଷତାକୁ ଉଚ୍ଚ ପ୍ରଶଂସା କରି, ତାଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନ କରି ସମ୍ମାନିତ କରିଥିଲେ ।

## ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା

**ବୁଗୁଡ଼ା,୧୦ ।୧(ସମିସ):** ସ୍ଥାନୀୟ ପିପୁଲ୍ଲି ହାଇସ୍କୁଲରେ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହୋଇଯାଇଛି । ବୁଗୁଡ଼ା ବ୍ଲକ ଓ ଏନ୍‌ଏସି ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ଫର୍ମପୂରଣ କରିଥିବା ୨୦୦ ଜଣ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୧୮୯ ଜଣ ପରୀକ୍ଷା ଦେଇଥିବା ବେଳେ ୧୧ଜଣ ଛାତ୍ରଛାତ୍ରୀ ଅନୁପସ୍ଥିତ ରହିଥିଲେ । ପିପୁଲ୍ଲି ହାଇସ୍କୁଲ ପ୍ରଧାନ ଶିକ୍ଷକ କାଳୀଚରଣ ବେହେରା କେନ୍ଦ୍ର ସୁପରିଟେଣ୍ଡେଣ୍ଟ୍ ଏବଂ ସହକାରୀ ଶିକ୍ଷକ ପ୍ରଶାନ୍ତ କୁମାର ଗୌଡ଼ ଡେପୁଟି ସୁପରିଟେଣ୍ଡେଣ୍ଟ ଦାୟିତ୍ୱ ନିର୍ବାହ କରିଥିଲା ବେଳେ ୯ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ଇନଭିଜିଲେଟର ଭାବେ ନିୟୋଜିତ ରହିଥିଲେ । ଏହି ପରୀକ୍ଷା କେନ୍ଦ୍ରରେ ପର୍ଯ୍ୟବେକ୍ଷକ ଭାବେ ପୋଚାଲୁଣ୍ଡି ହାଇସ୍କୁଲ ପ୍ରଧାନ ଶିକ୍ଷକ ରମା ରଞ୍ଜନ ମିଶ୍ର ଯୋଗ ଦେଇଥିଲେ ।

## କଳା ସାଂସ୍କୃତିକ ସଂଘ କଳାକାରଙ୍କ ବନ୍ଧୁ ମିଳନ

**ପୋଲସରା,୧୦ ।୧(ସମିସ):** ପୋଲସରା ସହରର ଲୁଣିଘାଟି ବାଲୁଙ୍କେଶ୍ୱର ମନ୍ଦିର ପରିସରରେ ବ୍ଲକ କଳା ସାଂସ୍କୃତିକ ସଂଘ କଳାକାରଙ୍କ ପକ୍ଷରୁ ଶୁକ୍ରବାର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କଳାକାର ସଂଘର ଉପସଭାପତି ସନ୍ୟାସି ମହାରଣାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ପୋଲସରା ବିଡିଓ ଶଶୀଭୂଷଣ ମହାପାତ୍ର ଶୁଭାରମ୍ଭ କରିଥିଲେ । ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ କଳାକାର ମାନଙ୍କୁ ଯୋଗ୍ୟତା ହିସାବରେ ସରକାରଙ୍କ ତରଫରୁ ଆସୁଥିବା ସହାୟତା ଯୋଗାଇଦେବା ପାଇଁ ବିଡିଓ ଶ୍ରୀ ମହାପାତ୍ର ପ୍ରତିଶ୍ରୁତି ଦେଇଥିଲେ । ସମ୍ମାନିତ ଅତିଥି ଭାବେ ବିକାଶର ସମ୍ପାଦକ ଗୋପାଳକୃଷ୍ଣ ପଣ୍ଡା ଓ ଅମୂଲ୍ୟ ରତ୍ନ ବେହେରା ସମେତ ଅନ୍ୟ କଳାକାରଙ୍କ ମଧ୍ୟରେ ଆସ୍କା ସଭାପତି ମଙ୍ଗୁଲୁ ସ୍ୱାଇଁ, ଉପସଭାପତି ବନବାସୀ ନାହାକ, କବିସୂର୍ଯ୍ୟନଗର ଉପସଭାପତି ରଙ୍କନିଧି ବେହେରା, ଖଲ୍ଲିକୋଟ ଉପସଭାପତି ଦିଗାମ୍ବର ମହାରଣା, ପୁରୁଷୋତ୍ତମପୁର ଉପସଭାପତି ବଳରାମ ପଣ୍ଡା, ବୁଗୁଡା ଉପସଭାପତି କେଦାରନାଥ ଜେନା, ପୋଲସରା ବ୍ଲକ ଉପଦେଷ୍ଟା କାଳିଚରଣ ବେହେରା ମଞ୍ଚାସୀନ ହୋଇ କଳାକାର ମାନଙ୍କ ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ । କଳାକାର ମାନଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା । ଏହାପରେ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ପହିଲି ଭୋଗର ଆସର ଜମିଥିଲା ।

## ବନ ବିଭାଗ ପକ୍ଷରୁ ପ୍ରାଣୀ ଚିକିତ୍ସା ଶିବିର



**ଦିଗପହଣ୍ଡି,୧୦ ।୧(ସମିସ):** ଦିଗପହଣ୍ଡି ବ୍ଲକ ସହଦେବ ଟିକରପଡ଼ା ପଞ୍ଚାୟତ ଲଖାରୀ ଅଭୟାରଣ୍ୟ ସଂଲଗ୍ନ ଆଦିବାସୀ ବହୁଳ ପୋଡ଼ାଖାଲ ଓ କନିଆସାହି ଗ୍ରାମରେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଗଜପତି ଜିଲ୍ଲା ଚନ୍ଦ୍ରଗିରି ବନାଞ୍ଚଳ ଭୀଷ୍ମଗିରି ସେକ୍ସନ କାର୍ଯ୍ୟାଳୟ ପକ୍ଷରୁ ଦୁଇଦିନ ବ୍ୟାପୀ ଚାଲିଥିବା ପଶୁ ଚିକିତ୍ସା ଶିବିର ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି । ପାରଳାଖେମୁଣ୍ଡି ବନଖଣ୍ଡ ଅଧିକାରୀ କେ. ନାଗରାଜୁ ଏବଂ ଚନ୍ଦ୍ରଗିରି ରେଞ୍ଜର ରୂପକ କୁମାର ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ଭୀଷ୍ମଗିରି ଫରେଷ୍ଟର ଦେବାଶିଷ ଶତପଥିଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ୫ ଶହରୁ ଊର୍ଦ୍ଧ୍ୱ ଗୃହପାଳିତ ପଶୁଙ୍କୁ ଆବଶ୍ୟକ ଚିକିତ୍ସା କରାଯିବା ସହ ଚାଷୀ ମାନଙ୍କୁ ମାଗଣାରେ ଔଷଧ ବିତରଣ କରାଯାଇଥିଲା । ଭୀଷ୍ମଗିରି ପଶୁ ଚିକିତ୍ସାଳୟର ଡ଼ା.ଦୀପକ କୁମାର ପ୍ରଧାନ, କର୍ମଚାରୀ କୃଷ୍ଣଚନ୍ଦ୍ର ମହାରଣା, ବଳରାମ ମହାରଣା, ବାଲାଜୀ ଦୋରା ଓ ସୁବାସ ସେଠୀ ପ୍ରମୁଖ ଉପସ୍ଥିତ ରହି ଗୃହପାଳିତ ପଶୁ ମାନଙ୍କୁ ଚିକିତ୍ସା କରିଥିଲେ । ଫରେଷ୍ଟ ଗାର୍ଡ ଗିରିଜା ଶଙ୍କର ଦୋରା, ସରୋଜ ମଲ୍ଲିକ, ଲକ୍ଷ୍ମୀପତି ଗମାଙ୍ଗ, ପ୍ରିୟଦର୍ଶିନୀ ସ୍ୱାଇଁଙ୍କ ସମେତ ପାରା ବନକର୍ମଚାରୀ ସହଯୋଗ କରିଥିଲେ ।

## ଘୋଡାହାଡ଼ ଡ୍ୟାମ୍‌ରେ ୯୫ ମଗର ପ୍ରଜାତି କୁମ୍ଭୀର

**ଦିଗପହଣ୍ଡି,୧୦।୧(ସମିସ):** ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ର ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ସନ୍ନି ଖୋଖରଙ୍କ ତତ୍ତ୍ୱାବଧାନରେ ଦିଗପହଣ୍ଡି ବ୍ଲକ ଖମାରି ଗାଁ ପଞ୍ଚାୟତ ସଂଲଗ୍ନ ଘୋଡ଼ାହାଡ଼ ଡ୍ୟାମରେ ଚାଲିଥିବା କୁମ୍ଭୀର ଗଣନା ପ୍ରକ୍ରିୟା ଶେଷ ହୋଇଛି । ଚଳିତ ବର୍ଷ ଡ୍ୟାମ୍‌ରେ ୯୫ଟି ମଗର ପ୍ରଜାତିର କୁମ୍ଭୀର ରହିଥିବା ଗଣନାରୁ ଜଣାପଡ଼ିଛି । କୁମ୍ଭୀର ଗଣନା ପାଇଁ ବନ ବିଭାଗ ପକ୍ଷରୁ ୨୫ଟି ଟିମ ଗଠନ କରାଯିବା ସହ ଦିଗପହଣ୍ଡି ଭାରପ୍ରାପ୍ତ ରେଞ୍ଜର ସନ୍ତୋଷ ବିଷୋୟୀ ରତ୍ନଙ୍କ ନେତୃତ୍ୱରେ ୨୫ରୁ ଊର୍ଦ୍ଧ୍ୱ ବନ କର୍ମଚାରୀ ନିୟୋଜିତ ଥିଲେ । ଘୋଡାହାଡ ଡ୍ୟାମ୍‌ରେ ୬୩ଟି କୁମ୍ଭୀର ରହିଥିବା ବେଳେ ଆଖପାଖ ୧୬ଟି ପୋଖରୀରେ ୩୨ଟି କୁମ୍ଭୀର ରହିଥିବା ବ୍ରହ୍ମପୁର ବନଖଣ୍ଡ ଅଧିକାରୀ ସୂଚନା ଦେଇଛନ୍ତି । ଗଣନା ସମୟରେ ସହକାରୀ ବନ ସଂରକ୍ଷକ ସସ୍ମିତା ବିଶ୍ୱାଳ, ଗଞ୍ଜାମ ବିଜ୍ଞାନ କଲେଜ ଜୀବ ବିଜ୍ଞାନ ପ୍ରାଧ୍ୟାପକ ଡ଼. ମହେନ୍ଦ୍ର ସେଠୀଙ୍କ ସମେତ ସମସ୍ତ ବନ କର୍ମଚାରୀ ନିୟୋଜିତ ଥିଲେ ।

## ସରପଞ୍ଚ ଓ ସମିତି ସଭ୍ୟଙ୍କୁ ଶୁଭେଚ୍ଛା ଜଣାଇଲେ ବିଧାୟକ



**ଛତ୍ରପୁର,୧୦ ।୧(ସମିସ):** ଛତ୍ରପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଛତ୍ରପୁର ବ୍ଲକର ବିଜେପି ସମର୍ଥିତ ସରପଞ୍ଚ ଓ ସମିତି ସଭ୍ୟ/ସଭ୍ୟାଙ୍କୁ ନେଇ ସ୍ଥାନୀୟ ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଶୁକ୍ରବାର ନିଆରା ଢଙ୍ଗରେ ନୂତନ ବର୍ଷ ପାଳନ କରିଛନ୍ତି । ରିକାପଲ୍ଲୀ ସ୍ଥିତ ଏନ୍‌ଏସି କଲ୍ୟାଣ ମଣ୍ଡପ ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ସମସ୍ତ ସରପଞ୍ଚ ଓ ସମିତିସଭ୍ୟ/ସଭ୍ୟା ଏବଂ ବ୍ଲକ ଉପାଧ୍ୟକ୍ଷା ଶାଡି ସାରଦା ରେଡ୍ଡୀଙ୍କୁ ବିଧାୟକ ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ଛତ୍ରପୁର ବ୍ଲକ ଉପାଧ୍ୟକ୍ଷା ଶାଡି ସାରଦା ରେଡ୍ଡୀ, ଭାରତୀୟ ଜନତା ପାର୍ଟିର ଗଞ୍ଜାମ ଜିଲ୍ଲା ସାଧାରଣ ସମ୍ପାଦକ ପଦ୍ମଚରଣ ସାହୁ, ଜିଲ୍ଲା ସମ୍ପାଦକ ବସନ୍ତ କୁମାରୀ ବେହେରା ଓ ଏନ. ଦୁର୍ଯ୍ୟୋଧନ ରେଡ୍ଡୀ ଏବଂ ଯୁବନେତା ବନୋଜ ନାହାକ ଅତିଥି ଭାବେ ଯୋଗଦେଇ ସମସ୍ତଙ୍କ ମଙ୍ଗଳ କାମନା କରିଥିଲେ । କାର୍ଯ୍ୟକ୍ରମକୁ ସୁନ୍ଦରପୁର ସରପଞ୍ଚ ଗଗନ କୁମାର ବେହେରା ସଂଯୋଜନା କରିଥିବା ବେଳେ ଟାଙ୍ଗଣାପଲ୍ଲୀ ସରପଞ୍ଚ ବି. ସୁଦାମ ପରିଚାଳନା କରିଥିଲେ ।

## ପ୍ରତାପପୁରରେ ଧାନମଣ୍ଡି ଉଦ୍‌ଘାଟିତ



**ପୁରୁଷୋତ୍ତମପୁର,୧୦ ।୧(ସମିସ):** ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ ପ୍ରତାପପୁର ପଞ୍ଚାୟତର ଶ୍ରୀ ତୁମ୍ବେଶ୍ୱର ପ୍ରାଥମିକ କୃଷି ସେବା ସମବାୟ ସମିତି ଲିଃ ପକ୍ଷରୁ ଧାନମଣ୍ଡି ଉଦଘାଟିତ ହୋଇଯାଇଛି । ସମବାୟ ସମିତି ସଭାପତି ସୁଦର୍ଶନ ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ସମାଜସେବୀ ନିର୍ମଳ ଚନ୍ଦ୍ର ସାହୁ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅରୁଣ କୁମାର ପଣ୍ଡା, ବ୍ଲକ ଅଧ୍ୟକ୍ଷା ପିଙ୍କି ବେହେରା, ୩୬ନଂ ଜିଲ୍ଲା ପରିଷଦ ସଭ୍ୟ ଭଜମନ ବେହେରା, ଯୋଗାଣ ନିରୀକ୍ଷକ କେଦାରନାଥ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

## ସୋରଡ଼ାରେ ବିଜେପିର ମିଶ୍ରଣ ପର୍ବ

**ସୋରଡ଼ା,୧୦ ।୧(ସମିସ):** ସୋରଡ଼ା ନିର୍ବାଚନମଣ୍ଡଳୀର ଜଳ ଭଣ୍ଡାର ନିକଟ ପିକନିକ୍ ସ୍ପଟରେ ବିଜେପିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ୬୪ ଓ ୬୩ ଜୋନର ୯ ଜଣ ସରପଞ୍ଚ, ୮ ଜଣ ସମିତିସଭ୍ୟ ଓ ବ୍ଲକ ଉପାଧ୍ୟକ୍ଷ ଅମୂଲ୍ୟ ସାହୁଙ୍କ ସହ ୫୦୦ରୁ ଊର୍ଦ୍ଧ କର୍ମୀ ବିଜେପିରେ ଯୋଗ ଦେଇଛନ୍ତି । ୬୪ନଂ ଜିଲ୍ଲା ପରିଷଦ ରାମ ଶବର କହିଛନ୍ତି ଆମ ଏହି ଅଞ୍ଚଳ ଆଦିବାସୀ ଅନୁନ୍ନତ ଅଞ୍ଚଳ ଏବଂ ଆମ ରାଜ୍ୟର ମୁଖିଆ ତଥା ମୁଖ୍ୟମନ୍ତ୍ରୀ ମଧ୍ୟ ଆଦିବାସୀ ଶ୍ରେଣୀର ଏବଂ ନୂତନ ଚିନ୍ତାଧାରା ସହିତ ମୋ ଅଞ୍ଚଳର ବେଶ ସହାୟକ ହେବ ବୋଲି କହିଛନ୍ତି । ସେହିପରି ୬୩ ନଂ ଜିଲ୍ଲା ପରିଷଦ ସମରେନ୍ଦ୍ର ସାହୁ କହିଛନ୍ତି ଦୀର୍ଘ ୧୪ ବର୍ଷ ପରେ ମୋର ଘର ବାହୁଡା ହୋଇଛି । କାର୍ଯ୍ୟକ୍ରମରେ ବିଧାୟକ ନୀଳମଣି ବିଷୋୟୀଙ୍କ ସହିତ ସାଂସଦ ପ୍ରତିନିଧି ବସନ୍ତ କୁମାର ବିଷୋୟୀ, ସୀମାଞ୍ଚଳ ଅଧିକାରୀ କାଉନସିଲର ରଜନୀକାନ୍ତ ମହାପାତ୍ର, ବାଇଧର ସ୍ୱାଇଁଙ୍କ ସମେତ ପୂର୍ବତନ ମଣ୍ଡଳ ସଭାପତି ବୁଲୁ ସ୍ୱାଇଁ, ରାଧାମୋହନ ସ୍ୱାଇଁ ଓ ବର୍ତ୍ତମାନର ଭି ଜଗଦୀଶ ରାଜୁ, ଟୁକୁନା ଗୌଡ଼, ସତ୍ୟ ନାରାୟଣ ଗୌଡ଼ ପ୍ରମୁଖ ଉପସ୍ଥିତ ରହିଥିଲେ ।

## 'ପଢ଼ିବା, ଗଢ଼ିବା ଓଡ଼ିଶା' କାର୍ଯ୍ୟକ୍ରମ

**ଭଞ୍ଜନଗର,୧୦ ।୧(ସମିସ):** ସ୍ଥାନୀୟ ବାହାଡ଼ାପଦର ଠାରେ ବିଦ୍ୟାଳୟସ୍ତରୀୟ ପଠନ ପ୍ରୋତ୍ସାହନ ସପ୍ତାହ 'ପଢ଼ିବା, ଗଢ଼ିବା ଓଡ଼ିଶା' କାର୍ଯ୍ୟକ୍ରମ ପ୍ରଧାନ ଶିକ୍ଷକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଅତିଥି ଭାବେ ଅବସରପ୍ରାପ୍ତ ସହଗୋଷ୍ଠୀ ଶିକ୍ଷାଧିକାରୀ ଜଗବନ୍ଧୁ ଜେନା, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସନ୍ତୋଷ କୁମାର ଜେନା, ସାହିତ୍ୟିକ ତଥା ଘୁମୁସର ସମ୍ବାଦର ସମ୍ପାଦକ ନେତାଜୀ ବିଷୋୟୀ, ସିଆରସିସି ସୁରେନ୍ଦ୍ର କୁମାର ଗୌଡ଼, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତ୍ରିଲୋଚନ ଦାଶ ଯୋଗ ଦେଇ ପିଲାଙ୍କ ସାହିତ୍ୟ ସୃଜନୀ ଉପରେ ରହିଥିବା ପ୍ରଦର୍ଶନୀକୁ ବୁଲି ଦେଖିଥିଲେ । କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷକ ଶ୍ରୀ ସ୍ୱାଇଁ ସଂଯୋଜନା କରିଥିଲେ । ବରିଷ୍ଠ ଶିକ୍ଷକ ହୃଷିକେଶ ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ ।



## ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



**ଛତ୍ରପୁର,୧୦ ।୧(ସମିସ):** ଚମାଖଣ୍ଡି ଥାନା ପକ୍ଷରୁ ରଘୁନାଥପୁର ଗ୍ରାମରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଥାନା ଅଧିକାରୀ ଶ୍ରଦ୍ଧାଞ୍ଜଳି ସୁବୁଦ୍ଧିଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଜୁନିୟର ଏମଭିଆଇ ତାରାକାନ୍ତ ନନ୍ଦ ଯୋଗଦେଇ ଗ୍ରାମବାସୀଙ୍କୁ ରାସ୍ତାରେ କିପରି ଭାବରେ ଗାଡ଼ି ଚଲାଇବେ, ହେଲମେଟ୍ ପିନ୍ଧି ଗାଡି ଚଲେଇବା, ସରକାରଙ୍କ ନିୟମ ମାନିବା, ମଦ୍ୟପାନ କରି ଗାଡି ଚଲେଇବା ନାହିଁ ବୋଲି ଗ୍ରାମବାସୀ ମାନଙ୍କୁ ସଚେତନ କରାଇଥିଲେ । କାର୍ଯ୍ୟକ୍ରମରେ ନରେନ୍ଦ୍ରପୁର ସରପଞ୍ଚ ପ୍ରତିନିଧି ଜ୍ୟୋତି ରଞ୍ଜନ ସାହୁ, ସମିତି ସଭ୍ୟା ବି. ସୋନାଲି ସେନାପତି ଓ ସମସ୍ତ ଗ୍ରାମବାସୀ ଉପସ୍ଥିତ ଥିଲେ ।

## ପାଣି ପଞ୍ଚାୟତ ରଥକୁ ସମ୍ବର୍ଦ୍ଧନା



**ଧରାକୋଟ,୧୦ ।୧(ସମିସ):** ଧରାକୋଟ ବ୍ଲକର ଢ଼ଉଗାଁ ସ୍ଥିତ ଜଳ ସମ୍ପଦ ବିଭାଗ କାର୍ଯ୍ୟାଳୟ ତରଫରୁ ପାଣି ପଞ୍ଚାୟତ ରଥକୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଢଉଗାଁ ଜଳସେଚନ ବିଭାଗ କାର୍ଯ୍ୟାଳୟରୁ ବାହାରି ଏହି ରଥ ଧରାକୋଟ ବଡ଼ଗଡ଼, ସୋରଡ଼ା ଦେଇ ହରଭଙ୍ଗି ଜଳସେଚନ କାର୍ଯ୍ୟାଳୟ ଠାରେ ପହଞ୍ଚିବ । ସମ୍ବର୍ଦ୍ଧନା ସମୟରେ ଜଳସେଚନ ବିଭାଗର ସହକାରୀ ନିର୍ବାହି ଯନ୍ତ୍ରୀ କେ.ଦେବେନ୍ଦ୍ର ପ୍ରଧାନ, ସହକାରୀ ଯନ୍ତ୍ରୀ ସୁଶାନ୍ତ କୁମାର ଭୂୟାଁ, ସହକାରୀ ଯନ୍ତ୍ରୀ ପ୍ରଶାନ୍ତ କୁମାର ସାହୁ, ଯୋଗେନ୍ଦ୍ର ସାସମଲ, ଢ଼ଉଗାଁ ସରପଞ୍ଚ ମନୁ ପାତ୍ର, ପାଣି ପଞ୍ଚାୟତ ସଭାପତି ସଞ୍ଜୟ ପାତ୍ରଙ୍କ ସମେତ ବହୁ ସଭ୍ୟ ଓ ଚାଷୀ ଉପସ୍ଥିତ ଥିଲେ ।

### ଆନ୍ତରିକତା ଅଭାବ ନା ରାଜନୈତିକ ଚାପ

## କଇଥ ସାହିରେ ଏଣେତେଣେ ହେଉଛି ଶବ ସତ୍କାର

**ଜଗନ୍ନାଥପ୍ରସାଦ,୧୦ ।୧(ସମିସ):** ଜଗନ୍ନାଥପ୍ରସାଦ କଇଥ ସାହିରେ ସ୍ଥାୟୀ ଶ୍ମଶାନ ଗୃହ ନଥିବାରୁ ଏଣେତେଣେ ଶବଦାହ କରାଯାଉଛି । ଜଗନ୍ନାଥପ୍ରସାଦ ବ୍ଲକରୁ ଏବେ ଏନ୍‌ଏସି ହୋଇଛି । କିନ୍ତୁ ଅଦ୍ୟାବଧି ମୌଳିକ ସୁବିଧାରୁ ବଞ୍ଚିତ ସାହିବାସୀ । ଗତ କିଛିଦିନ ପୂର୍ବେ ମଧ୍ୟ ରାତ୍ରରେ ଜଣେ ଅବସରପ୍ରାପ୍ତ ସୈନିକଙ୍କ ମୃତ୍ୟୁ ପରେ ଶବକୁ ନଦୀ ଗର୍ଭରେ ଦାହ କରାଯାଇଥିଲା । ମରଶରୀରକୁ ୪ ଫୁଟ ପାଣିରେ କାନ୍ଧେଇ ନଦୀ ପାର ହୋଇ ଯାଉଥିବା ଖବର ବିଭିନ୍ନ ଗଣମାଧ୍ୟମରେ ପ୍ରସାରଣ ହୋଇଥିଲା । ଏହାପରେ ସ୍ଥାନୀୟ ତହସିଲଦାର ଅଶୋକ କୁମାର ମୁଦୁଲି ଶ୍ମଶାନ ନିମନ୍ତେ ଜାଗା ଚିହ୍ନଟ ପ୍ରକ୍ରିୟା ତ୍ୱରାନ୍ୱିତ ପାଇଁ ରାଜସ୍ୱ ନିରୀକ୍ଷକ ସତ୍ୟନାରାୟଣ ସାହୁଙ୍କୁ ଚିଠି କରିଥିଲେ । ସେହିପରି ଗୋଚର ଜମିକୁ ଅକ୍ତିଆର କରିଥିବା ପରିବାରକୁ ନୋଟିସ କରି ତହସିଲ କାର୍ଯ୍ୟାଳୟକୁ ଡକା ଯାଇ ସମାଧାନ କରାଯାଇଥିଲା ।

**ହୋଇପାରୁନି ନୂତନ ଶ୍ମଶାନ ଓ ଶବଦାହ ଗୃହ**

**ଜାଗା ଚିହ୍ନଟରେ ସୀମିତ ରହିଛି କାମ**

ଏନେଇ ବିଡିଓ ମନ୍ମଥ ନାଥ ମଲ୍ଲିକ, ପିଇଓ ବସନ୍ତ କୁମାର ସାହୁ, ବ୍ଲକ ଉପାଧ୍ୟକ୍ଷ ନୀଳାଞ୍ଚଳ ଖିଲାର ନଦୀ ପଠାକୁ ଯାଇ ଜାଗା ଚିହ୍ନଟ କରିଥିଲେ । ଏହାପରେ ଶ୍ମଶାନ ତିଆରି ପାଇଁ ନୂତନ ପାଣ୍ଠିରୁ ଅର୍ଥ ଯୋଗାଡ଼ ନିମନ୍ତେ ସ୍ଥିର କରାଯାଇଥିଲେ । ଇତି ମଧ୍ୟରେ ୩ମାସ ବିତି ଯାଇଥିଲେ ମଧ୍ୟ ଏଯାବତ୍ ପ୍ରଶାସନ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଇନାହିଁ ।

ସୂଚନା ଥାଉ କି, ଶ୍ମଶାନ ଗୃହ ନ ଥିବା ଅଭିଯୋଗ ପାଇ ନୂତନ ଶ୍ମଶାନ ନିମନ୍ତେ ୨୦୨୪ରେ ସ୍ଥାନୀୟ ବ୍ଲକ ଯନ୍ତ୍ରୀ ଜାଗା ଚିହ୍ନଟ କରି ଲେଆଉଟ ଦେଇଥିଲେ । ହେଲେ କିଛି ଖଳ ପ୍ରକୃତିର ଲୋକଙ୍କ ପାଇଁ କାର୍ଯ୍ୟ ବନ୍ଦ ହୋଇଗଲା । ଏନେଇ କଇଥ ସାହିର ଶତାଧିକ ଗ୍ରାମବାସୀ ପୂର୍ବତନ ତହସିଲଦାର ତଥା ବର୍ତ୍ତମାନ ଶିକ୍ଷା ବିଭାଗର ଆଡିସିନାଲ ସେକ୍ରେଟାରୀ ମନୋଜ କୁମାର ତ୍ରିପାଠୀଙ୍କୁ ଲିଖିତ ଅଭିଯୋଗ ଦେଇଥିଲେ । ତହସିଲଦାରଙ୍କ ବଦଳି ପରେ କାର୍ଯ୍ୟ ଠପ ହୋଇଯାଇଥିଲା । ତେବେ ଜଗନ୍ନାଥ ପ୍ରସାଦକୁ ନୂତନ ଭାବେ ଏନ୍‌ଏସି ମାନ୍ୟତା ପାଇଲା ପରେ ଶ୍ମଶାନ କାର୍ଯ୍ୟ କାହିଁକି ବିଳମ୍ବ ହେଉଛି ନା ରାଜନୈତିକ ଚାପରେ ବଶବର୍ତ୍ତୀ ହୋଇ ପ୍ରଶାସନ ଜାଣିଶୁଣି ଦୃଷ୍ଟି ଦେଉ ନଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି ।

